Bhubaneswar- 1 July 2026
ଭୁବନେଶ୍ୱର- ୧ ଜୁଲାଇ ୨୦୨୬
Vol- 1 Issue - 65
ଭାଗ- ୧ ସଂଖ୍ୟା- ୬୫
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୨୦୧୦୦୭

## ପ୍ରଶାସନିକସ୍ତରରେ ଅଦଳବଦଳ

# ୩ ବିଭାଗ ଦାୟିତ୍ୱରେ ଆଇଏଏସ୍ ସୁରେଶ ବଶିଷ୍ଠ

■ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲେ ୬ ଓଏସଏସ୍ ଅଫିସର




**ଭୁବନେଶ୍ୱର:** ରାଜ୍ୟ ସରକାର ମଙ୍ଗଳବାର ପ୍ରଶାସନିକସ୍ତରରେ ଅଦଳବଦଳ କରିଛନ୍ତି। ଆଜିଠୁ ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରେ ରହିବେ ୧୯୯୮ ବ୍ୟାଚ୍ ଆଇଏଏସ୍ ସୁରେଶ ବଶିଷ୍ଠ। ଏହାସହିତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଓଡ଼ିଶା ସଚିବାଳୟ ସେବା କ୍ୟାଡ଼ର(ଓଏସଏସ)ର ୬ଜଣ ଅଫିସରଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୩ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ଆଜି ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ଆଇଏଏସ୍ ସୁରେଶ ବଶିଷ୍ଠଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ବଶିଷ୍ଠ ଆଜି ଅପରାହ୍ନରୁ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ତୁଲାଇବେ। ସେହିପରି ଓଡ଼ିଶା ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟର ୬ଜଣ ଓଏସ୍ଏସ କ୍ୟାଡ଼ର ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ଅନୁସଚିବ ହବିବ ମୋହନ ମୁର୍ମୁ , ସୂଚନା ଓ ଲୋକସମ୍ପର୍କ ବିଭାଗର ସେକ୍ସନ ଅଫିସର ଶଶାଙ୍କ ଶେଖର ନାୟକଙ୍କ ସମେତ ଅନ୍ୟ ୪ଜଣ ଏଏସଓ ଅନୀଲ ଅଧିକାରୀ, ବିଶ୍ୱକଲ୍ୟାଣ ପଟ୍ଟନାୟକ ପ୍ରଭାସ ବେହେରାମାଳି ଓ ପ୍ରୀତମ ନାୟକଙ୍କୁ ମଧ୍ୟ ସିଏମଓକୁ ବଦଳି ହୋଇଛି। ଏହି ଓଏସଏସ୍ କ୍ୟାଡ଼ର ଅଫିସରମାନଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଫଳରେ ସେମାନେ ବିଳମ୍ବ ନକରି ସିଏମଓରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି।

# ଖଣ୍ଡଗିରି ଡବଲ୍ ମର୍ଡର ପଛରେ ଦୁଇ ଛାତ୍ର

**ଜଣେ ଦଶମ ଓ ଅନ୍ୟ ଜଣେ ଦ୍ୱାଦଶ ଶ୍ରେଣୀର**

**ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣ ପ୍ରସାଦ ପାଢ଼ୀ ବାପାଙ୍କ ମୃତ୍ୟୁ**



**ଭୁବନେଶ୍ୱର:** ଭୁବନେଶ୍ୱରର ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆରେ ଘଟିଥିବା ଡବଲ ମର୍ଡର ଘଟଣାରେ ଦୁଇ ଜଣ ସ୍କୁଲ୍ ଛାତ୍ରଙ୍କୁ ନିଜ ହେପାଜତକୁ ନେଇଛି ପୁଲିସ। ସେମାନଙ୍କ ମଧ୍ୟରୁ ଜଣେ ଦଶମ ଓ ଅନ୍ୟ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ର ବୋଲି ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ମଙ୍ଗଳବାର ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବ। ପୁଲିସ କମିଶନରଙ୍କ ସୂଚନା ଅନୁଯାୟୀ, ମୃତ କୃଷ୍ଣ ପ୍ରସାଦ ପାଢ଼ୀ ବିଏସ୍‌ସି ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ଜଣେ ଝିଅଙ୍କୁ ହଇରାଣ କରୁଥିଲେ ବୋଲି ଅଭିଯୋଗ ହୋଇଛି। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସେହି ଝିଅଙ୍କ ସଂପର୍କୀୟ। ଏହାକୁ ନେଇ ପ୍ରାୟ ବର୍ଷେ ହେଲା ବିବାଦ ଥିଲା। ତେଣୁ ହତ୍ୟା ଷଡ଼ଯନ୍ତ୍ର ରଚାଯାଇଥିଲା। କୃଷ୍ଣଙ୍କ ଘରକୁ ଲଙ୍କା ଗୁଣ୍ଡ ଓ ରଡ୍ ନେଇ ମୁଖା ପିନ୍ଧି ଯାଇଥିଲେ ଅଭିଯୁକ୍ତ ଦ୍ୱୟ। ୨ ଛାତ୍ରଙ୍କର ପୂର୍ବରୁ ଅପରାଧିକ ରେକର୍ଡ ନ ଥିଲେ ବି ଯୋଜନାବଦ୍ଧ ହତ୍ୟା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୮ ଦିନ ତଳେ ଏହି ଦୁଇ ନାବାଳକ ଅଭିଯୁକ୍ତ କୃଷ୍ଣଙ୍କୁ ତାଗିଦ କରିବାକୁ ଆସିଥିଲେ। ହେଲେ କୃଷ୍ଣ ସେମାନଙ୍କୁ ପିଟି ଥିଲେ। ତେଣୁ ଏହାର ପ୍ରତିଶୋଧ ନେବା ପାଇଁ ଦୁଇ ନାବାଳକ ଯୋଜନା କରିଥିଲେ। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣ ପ୍ରସାଦ ପାଢ଼ୀ ବାପା ହିମାଂଶୁ ପାଢ଼ୀଙ୍କର ମୃତ୍ୟୁ ଘଟିଛି। ସେହିପରି ଏହି ଆକ୍ରମଣରେ ଗୁରୁତର ଆହତ ହୋଇଥିବା କୃଷ୍ଣଙ୍କ ଭଉଣୀ ଏବେ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଗତ ରବିବାର ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତମାନେ କୃଷ୍ଣଙ୍କ ଘରର କବାଟ ବାଡ଼େଇ ଥିଲେ। କୃଷ୍ଣ କବାଟ ଖୋଲିଥିଲେ। ଏହା ପରେ ତାଙ୍କ ଚିତ୍କାର ଶୁଣି ବାପା ହିମାଂଶୁ ଓ ଭଉଣୀ ତାପସୀ ଦୌଡ଼ି ଆସିଥିଲେ। ସେତେବେଳକୁ ମୁଖା ପିନ୍ଧା ଅଭିଯୁକ୍ତ ଦ୍ୱୟ କୃଷ୍ଣଙ୍କୁ ଲୁହା ରଡ଼ରେ ପିଟି ତଳେ ପକାଇ ଦେଇଥିଲେ। କୃଷ୍ଣଙ୍କୁ ବଞ୍ଚାଇବାକୁ ଯାଇଥିବା ହିମାଂଶୁ ଓ ତାପସୀଙ୍କୁ ଅଭିଯୁକ୍ତ ଦ୍ୱୟ ଆକ୍ରମଣ କରିଥିଲେ। ସେମାନେ ହିମାଂଶଙ୍କ ମୁଣ୍ଡରେ ପିଟି ଦେଇଥିଲେ। ତାପସୀଙ୍କ ପାଟି ଶୁଣି ପଡ଼ିଶା ଘର ଲୋକମାନେ ଧାଇଁ ଆସିଥିଲେ ଓ ପୁଲିସକୁ ଖବର ଦେଇଥିଲେ। କୃଷ୍ଣ, ହିମାଂଶୁ ଓ ତାପସୀଙ୍କୁ ଏମ୍ସକୁ ନିଆଯାଇଥିଲା। ସେଠାରେ କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଆଜି ତାଙ୍କ ବାପା ହିମାଂଶୁଙ୍କର ମଧ୍ୟ ମୃତ୍ୟୁ ଘଟିଛି।

## ଏକତରଫା ପ୍ରେମରୁ ଉନ୍ମତ୍ତ କାଣ୍ଡ

# ଛାତ୍ରୀଙ୍କୁ ପେଟ୍ରୋଲ୍ ଢାଳି ହତ୍ୟା ଉଦ୍ୟମ

**ଭଦ୍ରକ :** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତର ଲେଞ୍ଜୀରା ଛକ ନିକଟରେ ମଙ୍ଗଳବାର ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ି ମାରିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନାଁ ଦିଲ୍ଲୀପ ଜେନା। ୩୨ ବର୍ଷୀୟ ଦିଲ୍ଲୀପଙ୍କ ଘର ଫତେପୁର ପଞ୍ଚାୟତର ଧର୍ମାଗତପୁର ଗାଁରେ। ସେ ବିବାହିତ। କିନ୍ତୁ ଦୀର୍ଘଦିନ ହେବ ସେ ଏହି ଛାତ୍ରୀଙ୍କୁ ହଇରାଣ କରିଆସୁଥିଲେ। ଦିଲ୍ଲୀପ ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। କିନ୍ତୁ ଛାତ୍ରୀ ଜଣଙ୍କ ତାଙ୍କ ପ୍ରସ୍ତାବରେ ରାଜି ହେଉ ନଥିଲେ। ଏଣୁ ପ୍ରତିଶୋଧ ପରାୟଣ ହୋଇଯାଇଥିଲେ ଦିଲ୍ଲୀପ।ଛାତ୍ରୀ ଜଣଙ୍କ ଆଜି ସକାଳେ ସ୍କୁଲ ଯାଉଥିବା ବେଳେ ଲେଞ୍ଜୀରା ଛକ ନିକଟରେ ତାଙ୍କୁ ଅଟକାଇ ଥିଲେ ଦିଲ୍ଲୀପ । ଏହା ପରେ ସେ ଛାତ୍ରୀଙ୍କ ଦେହରେ ପେଟ୍ରୋଲ ଢାଳି ତାଙ୍କୁ ପୋଡ଼ି ମାରି ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଧାଇଁ ଆସିଥିଲେ। ସେମାନେ ଅଭିଯୁକ୍ତଙ୍କୁ କାବୁ କରି ଥାନାରେ ଦେଇଥିଲେ। ଏହି ଘଟଣା ପରେ ଛାତ୍ରୀଙ୍କ ପରିବାର ଲୋକେ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିବା ସହିତ ପଚରାଉଚରା ପରେ ଦିଲ୍ଲୀପଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଅଭିଯୁକ୍ତ ଦିଲ୍ଲୀପ ଦୁଇଟି ବିବାହ କରିଛନ୍ତି।

# ଆସୁଛି ଲଘୁଚାପ, ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା



**ଭୁବନେଶ୍ୱର:** ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ କେନ୍ଦ୍ରୀଭୂତ ରହିଛି। ଏହା ଫଳରେ ଆସନ୍ତା ଜୁଲାଇ ୩ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର (ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ପାଖାପାଖି ଅଞ୍ଚଳ)ରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି। ଏହି ଲଘୁଚାପଟି ଧୀରେ ଧୀରେ ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ।ବର୍ତ୍ତମାନ ଏହା କୌଣସି ଅବପାତ ବା ଗଭୀର ଅବପାତର ରୂପ ନେବାର ସମ୍ଭାବନା ନାହିଁ, ବରଂ ଏକ ସାଧାରଣ ଲଘୁଚାପ ହିସାବରେ ଗତି କରିବ। ଯଦି ଅଧିକ ଧୀର ଗତି କରିବ ବର୍ଷା ଅଧିକ ହେବ। ଆସନ୍ତା ୭ ଦିନ ମଧ୍ୟରେ ଓଡ଼ିଶାରେ ଭଲ ବର୍ଷା ହେବ । ବିଶେଷ କରି ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା ସହ କେତେକ ଜାଗାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଆଇଏମଡି ଡିଜି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜୁନ୍ ମାସରେ ଓଡ଼ିଶାରେ ସ୍ୱାଭାବିକଠାରୁ ପ୍ରାୟ ୪୭ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ସମଗ୍ର ଜୁଲାଇ ମାସର ପୂର୍ବାନୁମାନ ଅନୁଯାୟୀ, ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ, ବିଶେଷ କରି କେନ୍ଦ୍ରୀୟ ଅଞ୍ଚଳ (ମଧ୍ୟ ଓଡ଼ିଶା)ରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ । ଓଡ଼ିଶାର ଉଚ୍ଚଭୂମି ଓ ପୂର୍ବଘାଟ ପର୍ବତମାଳା ଭଳି ଭୌଗୋଳିକ ସ୍ଥିତି ମୌସୁମୀ ବାୟୁ ସହ ପ୍ରତିକ୍ରିୟା କରୁଥିବାରୁ, ଆଭ୍ୟନ୍ତରୀଣ ଓଡ଼ିଶାରେ ଉପକୂଳ ଅପେକ୍ଷା ଅଧିକ ବର୍ଷାର ସମ୍ଭାବନା ରହିଛି। ଜୁଲାଇ ମାସର ପ୍ରଥମ ଦୁଇ ସପ୍ତାହର ବର୍ଷା ଓଡ଼ିଶାର ଧାନ ଚାଷ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜୁନ୍ ମାସର ନିଅଣ୍ଟିଆ ବର୍ଷାକୁ ଭରଣା କରିବାରେ ଏହି ଲଘୁଚାପ ସହାୟକ ହେବ। ଗ୍ଲୋବାଲ୍ ପାଣିପାଗ ସ୍ଥିତିକୁ ଦେଖିଲେ, ଜୁନ୍ ୧୦ ତାରିଖରେ ଏକ ଦୁର୍ବଳ ଏଲ୍‌ନିନୋ ସ୍ଥିତି ସୃଷ୍ଟି ହୋଇଥିବା ଘୋଷଣା କରାଯାଇଥିଲା। ବର୍ତ୍ତମାନ ଏହାର ତୀବ୍ରତା ଧୀରେ ଧୀରେ ବଢ଼ୁଛି। ଜୁଲାଇ ଏବଂ ଅଗଷ୍ଟରେ ଏହା 'ମଧ୍ୟମ' ସ୍ଥିତିରେ ରହିବ ଏବଂ ସେପ୍ଟେମ୍ବର ବେଳକୁ ଏହା ଏକ 'ଶକ୍ତିଶାଳୀ' ଏଲ୍‌ନିନୋରେ ପରିଣତ ହେବ, ଯାହା ପାଣିପାଗ ଉପରେ କୁ ପ୍ରଭାବ ପକାଇପାରେ।

## ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ କୋର୍ଟଙ୍କ ରାୟ

# ଭାଣିଜୀକୁ ହତ୍ୟା ମାମଲା : ଦୋଷୀ ମାମୁଙ୍କୁ ମୃତ୍ୟୁ ଦଣ୍ଡାଦେଶ

**୧୩ ଜଣଙ୍କ ସାକ୍ଷ୍ୟଗ୍ରହଣ ଆଧାରରେ ଦୋଷୀ ସାବ୍ୟସ୍ତ**



**ବ୍ରହ୍ମପୁର :** ଭାଣିଜୀକୁ ହତ୍ୟା ମାମଲାରେ ଦୋଷୀ ମାମୁକୁ ମୃତ୍ୟୁ ଦଣ୍ଡାଦେଶ। ୨୦୨୨ରେ ବ୍ରହ୍ମପୁରରେ ନାବାଳିକା ଭାଣିଜୀକୁ ହତ୍ୟା ମାମଲାରେ ଦୋଷୀ ମାମୁ ସିପ୍ରିନ ଦିଗାଲଙ୍କୁ ମୃତ୍ୟୁ ଦଣ୍ଡାଦେଶ । ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟ ବିଚାରପତି ରୋହିତ ଲାଲ ପଣ୍ଡା ରାୟ ଶୁଣାଇଛନ୍ତି ।୨୦୨୨ଏପ୍ରିଲ ୨୫ରେ ବ୍ରହ୍ମପୁର ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡରେ ୧୩ ବର୍ଷୀୟା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା ଓ ଏହି ଘଟଣାରେ ପୋଲିସ ତଦନ୍ତ କରି ମୃତ ନାବାଳିକାର ମାମୁ ସିପ୍ରିନ ଦିଗାଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗିରଫ ମାମୁ ସିପ୍ରିନ ଦିଗାଲ ଭାଣିଜୀ ଗାୟତ୍ରୀଙ୍କୁ ଖରାପ ନଜରେ ଦେଖୁଥିଲା ଏବଂ ସେ କିରୋସିନି ଢାଳି ନିଆଁ ଲଗାଇ ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା ଓ ଏ ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା । ମାମଲାର ବିଚାର ଶେଷ ହୋଇଥିବା ବେଳେ ବିଚାରପତି ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ମାମୁ ସିପ୍ରିନ ଦିଗାଲକୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ଫାଶି ଦଣ୍ଡରେ ଦଣ୍ଡିତ କରିଛନ୍ତି । ପୂର୍ବରୁ ଅଭିଯୁକ୍ତ ସିପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲା ଓ କୋର୍ଟରୁ ଅନୁମତି କ୍ରମେ ସେ କିଛି ଦିନ ପାଇଁ ପାରୋଲରେ ବ୍ରହ୍ମପୁର ସ୍ଥିତ ନିଜ ଭଉଣୀ ଘରକୁ ଆସିଥିଲେ ଏବଂ ସେଠାରେ ଏହି ଜଘନ୍ୟ କାଣ୍ଡ ଘଟାଇଥିଲା ।

# ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ହୋଇଛି: ଜିଲ୍ଲାପାଳ



**ପୁରୀ :** ଚଳିତ ରଥଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ସହ ଅତ୍ୟାବଶ୍ୟକ ବ୍ୟବସ୍ଥା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ସ୍ନାନଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମାପନ ହୋଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଜିଲ୍ଲାପାଳ ଶ୍ରୀ ପରିଡା ଆଗାମୀ ରଥଯାତ୍ରା କୁ ମହାପ୍ରଭୁଙ୍କ ଆଶୀର୍ବାଦ ରେ,ସମସ୍ତଙ୍କ ସହଯୋଗ ରେ ସୁନ୍ଦର ଭାବେ ପରିଚାଳନା ପାଇଁ ଅନୁରୋଧ କରିଛନ୍ତି। ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।ରାସ୍ତା ଘାଟ ମରାମତି, ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା, ଖରା ହେଲେ ଜଳ ସିଞ୍ଚନ ବ୍ୟବସ୍ଥା, ଅଧିକ ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସହ ଚିକିତ୍ସକ ଓ ପାରା ମେଡିକାଲ ଙ୍କ ବ୍ୟବସ୍ଥା, ଅଧିକ ଆମ୍ବୁଲାନ୍ସ ବ୍ୟବସ୍ଥା, ଆମ୍ବୁଲାନ୍ସ ଗମନାଗମନ ପାଇଁ ବ୍ୟବସ୍ଥା, ଅଧିକ ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ବଣ୍ଟନ କରିବାକୁ ଥିବା ବିଭିନ୍ନ ସହାୟତା ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ,ପାନୀୟ ଜଳର ବ୍ୟାପକ ବ୍ୟବସ୍ଥା,ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ଅଧିକ ପାର୍କିଂ ସ୍ଥଳର ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ସହ ଅଧିକ ସୁରକ୍ଷା କର୍ମୀ ନିୟୋଜନ, ସମସ୍ତ କାର୍ଯ୍ୟ କୁ ନିୟନ୍ତ୍ରଣ ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ, ଶ୍ରଦ୍ଧାଳୁ ମାନଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା କେନ୍ଦ୍ର ବ୍ୟବସ୍ଥା, ଏଲଇଡି ଟିଭିର ବ୍ୟବସ୍ଥା, ସହରକୁ ପରିଷ୍କାର ପରିଚ୍ଛନ୍ନତା ପାଇଁ ଅଧିକ ସଫେଇ କର୍ମଚାରୀ ନିୟୋଜନ, ବିଦ୍ୟୁତ ବ୍ୟବସ୍ଥା କୁ ଅଧିକ ସୁଦୃଢ ବ୍ୟବସ୍ଥା, ଗମନାଗମନ ପାଇଁ ଅଧିକ ଟ୍ରେନ, ବସ ଚଳାଚଳ ଇତ୍ୟାଦି ସମସ୍ତ ବ୍ୟବସ୍ଥାକୁ ଚୁଡାନ୍ତ କରାଯାଇଛି।ସର୍ବୋପରି ଶ୍ରଦ୍ଧାଳୁ ମାନେ ଯେମିତି ଏକ ସୁଖଦ ଓ ସୁନ୍ଦର ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ ଭଲ ଭାବରେ କରି ଫେରିବେ ସେଥିପାଇଁ ସରକାର ଓ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେଇଛନ୍ତି।

**ରଥ ନିର୍ମାଣର ୭୧ ତମ ଦିବସ**

# ତିନିରଥରେ ବସିଲା ଧୁଳିଦଣ୍ଡା

■ ତିନିରଥର ପ୍ରଭାରେ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ

■ ଜାରି ରହିଛି ପଲିସ୍ କାର୍ଯ୍ୟ





ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ।ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ସୋମବାର ରଥ ନିର୍ମାଣର ୭୦ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ମଙ୍ଗଳବାର ରଥ ନିର୍ମାଣର ୭୧ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ତିନିରଥରେ ବସିଲା ଧୁଳିଦଣ୍ଡା ଓ ତିନିରଥର ପ୍ରଭାରେ ରୁପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ପଲିସ କାର୍ଯ୍ୟ ଜାରୀ ରହିଛି । ସୋମବାର ସୁଦ୍ଧା ତିନିରଥର ସିଂହାସନ ବେଦୀ ଉପରେ ପ୍ରଥମ ଭୂଇଁ ଉପର ମଧ୍ୟଭାଗରେ କନକ ମୁଣ୍ଡି ବସିବା ସହ ତିନିରଥର ନୂତନ ବ୍ରେକ ପୁଲି ନିର୍ମାଣ ଜାରୀ ରହିଥିଲା । ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ତିନିରଥରେ ପ୍ରଭା ଫିଟିଙ୍ଗ ପାଇଁ ବେଦୀ ପଛ ଭାଗ ଚଉଦ ନାହକା ରେ ତିନିରଥର ଦୁଇଟି ଲେଖାଏଁ ଧୁଳିଦଣ୍ଡା ରୁ ଆଜି ଗୋଟିଏ ଲେଖାଏଁ ଧୁଳିଦାଣ୍ଡା ତିନିରଥରେ ଫିଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି । ତିନିରଥର ଗୋଟିଏ ଗୋଟିଏ ନୂତନ ବ୍ରେକ ପୁଲି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ଗତକାଲି ସୁଦ୍ଧା ଚଉପଟ ଶେଷ ହୋଇଥିବା ଦର୍ପଦଳନ ରଥର ୧୬/୧୬ ସାଇଜର ବ୍ରେକ ପୁଲି ଏବଂ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ୧୬/୧୮ ସାଇଜର ବ୍ରେକ ପୁଲି ର ତଳ(ବେସ୍ କେବୁଲ)ଭାଗକୁ ଚଉଡା କରିବା ପାଇଁ ଆଜି ତିନିରଥର ମହାରଣା ସେବକ ମାନେ ବ୍ରେକ ପୁଲି ର ଉଭୟ ପାର୍ଶ୍ୱରେ ୭/୩ ସାଇଜ ଧଉରା କାଠ ବଟନ୍ ପଟା ବାଡ଼ିଆ ଶେଷ କରିଛନ୍ତି। ଉକ୍ତ ବ୍ରେକ ପୁଲି ଗୁଡ଼ିକୁ ରଥରେ ଲଗାଯିବା ପାଇଁ ବ୍ରେକ ପୁଲି ଉପର ଭାଗରେ ୪ ଟି ଲେଖାଏଁ ଲୁହା ବଳା ଏବଂ ଦୁଇ ମୁଣ୍ଡ ରେ ଗୋଟିଏ ଗୋଟିଏ ଲୁହା ବଳା ଫିଟିଙ୍ଗ ବାକି ରହିଛି । ଲୁହା ବଳା ଫିଟିଙ୍ଗ ପରେ ବ୍ରେକ ପୁଲି ତଳ ଭାଗରେ ରବର୍ ମ୍ୟାଟ ଫିଟିଙ୍ଗ କରାଯାଇ ରଙ୍ଗ କାର୍ଯ୍ୟ ସମ୍ପନ୍ନ ହେବ। ଶେଷ ପର୍ଯ୍ୟାୟରେ ତିନିରଥର ପ୍ରଭା ରେ ରୂପ ଖୋଦେଇ କାର୍ଯ୍ୟ, ରୂପକାର ସେବକ ମାନେ ତିନିରଥ ର ପ୍ରଭାରେ ରୂପ ଖୋଦେଇ ରେ ଶେଷ ସ୍ପର୍ଶ ଦେଉଛନ୍ତି, ଶେଷ ହେଉଥିବା ରୂପ ଅଂଶ ଗୁଡ଼ିକର ପଲିସ୍ କାର୍ଯ୍ୟ ସମାନ୍ତରାଳ ଭାବେ ଜାରୀ ରହିଛି । ଚିତ୍ରକାର ସେବକ ମାନେ ତିନିରଥର ୨୪ ଗୋଟି ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ଶେଷ କରି ତିନିରଥର ପାର୍ଶ୍ୱ ଦେବ ଦେବୀ ,ଘୋଡ଼ା, ସାରଥୀ ରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ଧୂଳି ଦଣ୍ଡା କଣ୍ଟା ନିର୍ମାଣ ଶେଷ କରି ରଥ ଚାଳି କୁ ଯୋଗାଇ ଦେବାସହ ପ୍ରଭା ବିଡିଆ କଣ୍ଟା ସହ ତିନିରଥର ବ୍ରେକ ପୁଲି ପାଇଁ ୬ ଟି ଲେଖାଏଁ ଲୁହା ବଳା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାହି ମହାରଣା ମାନେ ରଥ ଯାତ୍ରା ରେ ସେବା ପୂଜା ଏବଂ ଅଣସରର ପାଇଁ କାଠ ବାଉଁଶ ନିର୍ମିତ ସରଞ୍ଜାମ ମାନ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥର ମହାରଣା ସେବକ ୭୭ଜଣ, ଭୋଇ ସେବକ ୭୬ଜଣ ,ରୂପକାର ସେବକ ୨୧ଜଣ , କରତୀ ସେବକ ୪ଜଣ, ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରୀଗର ୨ଜଣ ,ପାହି ମହାରଣା ୨ଜଣ , ଚିତ୍ରକାର ୪୦ଜଣ ,ରଥଖଳା ସହାୟକ ୧ଜଣ ମୋଟ ୨୪୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

ସମ୍ପାଦକୀୟ

# ସିନ୍ଧୁ ପାଇଁ ଶକ୍ତିପରୀକ୍ଷା

ତିବତ୍ ପଠାରୀରୁ ନିଜର ଯାତ୍ରା ଆରମ୍ଭ କରି ଭାରତର ଲଦାଖ ମଧ୍ୟଦେଇ ପ୍ରବାହିତ ସିନ୍ଧୁନଦୀ ଭାରତରୁ ଯାଇ ପାକିସ୍ତାନରେ ପ୍ରବେଶ କରିଛି। ଯାହାର ଅନ୍ୟନାମ ଇଣ୍ଡସ୍। ସିନ୍ଧୁ ନଦୀ ଯେବେଠାରୁ ପାକିସ୍ତାନରେ ପ୍ରବେଶ କରିଛି, ପାକିସ୍ତାନର ମାଟି ସ୍ପର୍ଶ କରିଛି, ସେବେଠାରୁ ପାକିସ୍ତାନର ଲାଇଫ୍ ଲାଇନ୍ ପାଲଟି ଯାଇଛି। ସେହି ଲାଇଫ୍ ଲାଇନ୍ ପ୍ରତି ଆଜି ବିପଦ ସୃଷ୍ଟି ହୋଇଛି ଭାରତ ଆଡୁ। ସତରେ ବି ସେମିତି କିଛି ସମସ୍ୟା ସୃଷ୍ଟି ହୋଇଛି ନଚେତ କାହାକୁ ବି ଏଥିରେ ବିସ୍ମିତ ହେବାର ଅବକାଶ ସୃଷ୍ଟି ହୋଇଥାନ୍ତା। ହେଲେ ସେମିତି କିଛି ହୋଇନି କାରଣ ଭାରତ ତରଫରୁ ସିନ୍ଧୁ ଜଳଚୁକ୍ତିକୁ ନେଇ ସେମିତି କିଛି ପରିସ୍ଥିତି ସୃଷ୍ଟି ହୋଇଛି ଯାହା ଆଗାମୀ ସମୟରେ ପାକିସ୍ତାନ୍ ପାଇଁ ଅତି ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସିନ୍ଧୁ ନଦୀର ଜଳ ଯେହେତୁ ଭାରତ ବାଟ ଦେଇ ଯାଇ ପାକିସ୍ତାନ୍ ରେ ପ୍ରବେଶ କରିଛି, ସେଣୁ ସିନ୍ଧୁ ଜଳର ବ୍ୟବହାର ଏବଂ ବଣ୍ଟନ ନେଇ କେବେ ନା କେବେ ଉଭୟ ଦେଶ ମଧ୍ୟରେ କିଛି ନା କିଛି ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଆଖି ଆଗରେ ରଖି ୧୯୬୦ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କ ନେତୃତ୍ୱରେ ସିନ୍ଧୁ ଜଳଚୁକ୍ତି ନାମରେ ଏକ ଐତିହାସିକ ଜଳଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ପାକିସ୍ତାନ୍ ସହିତ ଯେତେବେଳେ କି ପ୍ରତିପକ୍ଷ ଥିଲେ ଆୟୁବ୍ ଖାନ୍ ସେତେବେଳର ପାକିସ୍ତାନୀ ରାଷ୍ଟ୍ରପତି। ଦି ୱାର୍ଲ୍ଡ ବ୍ୟାଙ୍କ୍ ମଧ୍ୟସ୍ଥତାରେ ସେପ୍ଟେମ୍ବର ୧୯୬୦ରେ ଉଭୟ ଦେଶ ମଧ୍ୟରେ ହୋଇଥିବା ଏହି ଜଳଚୁକ୍ତି ପଛରେ ଉଦ୍ଦେଶ୍ୟ ବି ସେମିତି ଭଲ ଥିଲ। ଭାରତ ଏବଂ ପାକିସ୍ତାନ୍‌ର ଆବଶ୍ୟକତା ଅନୁସାରେ ଉଭୟ ଦେଶ ନିଜ ନିଜ ମଧ୍ୟରେ ସଦଭାବନା ସ୍ଥାପନା ପୂର୍ବକ ସିନ୍ଧୁ ଜଳ ଚୁକ୍ତିର ସର୍ବୋତ୍ତମ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିବା ଥିଲା ଏହି ସିନ୍ଧୁ ଜଳଚୁକ୍ତିର ମହତ୍ ଉଦ୍ଦେଶ୍ୟ। ସବୁ ତ ଠିକ୍ ଠାକ୍ ଚାଲିଥିଲା ଏଯାବତ୍ ହେଲେ ଏବେ କିନ୍ତୁ ସ୍ଥିତି ପୂରାପୂରି ଭାବେ ବିଗିଡ଼ିଯାଇଛି। ଆଗକୁ ଆହୁରି ବିଗିଡ଼ିଯାଇପାରେ ପରିସ୍ଥିତି। ଦରକାର ପଡ଼ିଲେ ଉଭୟ ଦେଶ ମଧ୍ୟରେ କୌଣସି ବି ସମୟରେ ଯୁଦ୍ଧ ବି ହୋଇପାରେ। ଏମିତି କିଛି ମନ୍ତବ୍ୟ ପ୍ରଦାନ କରିଛନ୍ତି ପାକିସ୍ତାନ୍‌ର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍। ଆସିଫ ବାବାଙ୍କ୍ ମୁଣ୍ଡ ବୋଧହୁଏ ବିଗିଡ଼ିଗଲାଣି। ସେଇଥିପାଇଁ ସେ ବୋଧହୁଏ ଏମିତି ଗୁଡ଼ାଏ ଭିତ୍ତିହୀନ କଥାବାର୍ତ୍ତା କରୁଛନ୍ତି ଯାହା ପଛରେ ସେମିତି କିଛି ମାନେ ନାହିଁ। ଫାଗ ହୋଇ ପୁଣି ବାଘକୁ ଧମକ। ଆସିଫ ବାବା ବି କ'ଣ କରିବେ? ତାଙ୍କ ଦେଶର ପରିସ୍ଥିତି ମଧ୍ୟ କିଛି ସେହିଭଳି। ପାକିସ୍ତାନ୍ ର ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁଁ ଭାରତ ମଧ୍ୟ ବହୁତ ଅତିଷ୍ଠ ହୋଇଗଲେଣି। ମାସେ ନୁହେଁ କି ବର୍ଷେ ନୁହେଁ, ପୂରା ବର୍ଷ ବର୍ଷ ଧରି ପାକିସ୍ତାନ୍ ଭାରତ ସୀମାରେ ତା'ର ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ଭାରତର ସୀମା ବାହାରେ ଏବଂ ଭାରତର ସୀମା ଭିତରେ ବି ପାକିସ୍ତାନ୍ ଜାରି ରଖିଛି ତା'ର ସେହି ପୁରୁଣା ଉଗ୍ରବାଦୀ କାର୍ଯ୍ୟକଳାପ ଯାହା କି ତା'ର ଚିରାଚରିତ ଅଭ୍ୟାସ। ଏମିତି ତ ଭାରତ ବହୁବାର ପାକିସ୍ତାନ୍ ଉପରେ ଖପ୍ପା ହୋଇଛି କେବଳ ତା'ର ଆତଙ୍କବାଦୀ କାର୍ଯ୍ୟକଳାପ କାରଣରୁ। ହେଲେ କାଶ୍ମୀରର ପହଲଗାମ୍‌ରେ ପାକିସ୍ତାନ୍ ଯେଉଳି ଭାବେ ଆତଙ୍କାବାଦୀ କାର୍ଯ୍ୟକଳାପ ଜରିଆରେ ନରସଂହାର କଲା, ଯାହାକି ଭାରତର ମନକୁ ନୁହେଁ, ଭାରତର ଆତ୍ମାକୁ ଭାରି ବାଧିଲା। ସେଣୁ ତ ଭାରତ ସାମୟିକ ଭାବେ ଜଳଚୁକ୍ତିକୁ ସ୍ଥଗିତ କରି ପାକିସ୍ତାନକୁ ଏକ ସମୁଚିତ ଶିକ୍ଷା ଦେବା ପାଇଁ ଯୋଜନା କରିଛି। ଭାରତର ଜଳଶକ୍ତିମନ୍ତ୍ରୀଙ୍କ ଏକ ବୟାନ ପରେ ଭୟଭୀତ ହୋଇପଡ଼ିଛି ପାକିସ୍ତାନ୍। ୨୦୨୮ ସୁଦ୍ଧା ସିନ୍ଧୁ ଜଳଚୁକ୍ତି ସମ୍ପୂର୍ଣ୍ଣ ବନ୍ଦ ନେଇ ଭାରତର କଡ଼ା ଆଭିମୁଖ୍ୟରେ ଭୟଭୀତ ପାକିସ୍ତାନ ସେଣୁ ସେମିତି ବିଳିବିଳାଉଛି। କେତେବେଳେ ଭାରତକୁ ଆତଙ୍କବାଦୀ ଆକ୍ରମଣର ଧମକ ଦେଉଛି ତ ଆଉ କେତେବେଳେ ଯୁଦ୍ଧର ଧମକ ଦେଉଛି। ହେଲେ ପାକିସ୍ତାନ୍ ଜାଣିବା ଦରକାର କି ଭାରତ ସହିତ ଯୁଦ୍ଧର ପରିଣାମ କେତେ ଭୟଙ୍କର ହୋଇପାରେ।

## ଗେହ୍ଲାପୁଅ

ପୁଅ ତ ଗୋଟାଏ। ସେହି ହେତୁ ପରିବାରରେ ସମସ୍ତଙ୍କର ଅତି ଗେହ୍ଲା ପୁଅ। ସମାଜର ଜଣେ ଜଣେ ଧନୀ ବ୍ୟକ୍ତିଙ୍କର ପୁଅ। ତେବେ ତାଙ୍କର ଗୋଟାଏ ଅତି ଖରାପ୍ ଗୁଣ ଥିଲା। ସେ ଭାରୀ ବଦରାଗୀ ଥିଲେ। କଥାରେ କଥାରେ ସେ ବହୁତ ରାଗିଯାଉଥିଲେ। ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା। ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ। କ'ଣ କରିବେ, କ'ଣ ଭାବିବେ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ, ପିଲାଟିକୁ ସେ କେମିତି ସୁଧାରିବେ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ। ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ। ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ। ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି। ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ। କେବେ କେବେ ସେମିତି ବି ହୁଏ। କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି। ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ। ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି। ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି। ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ୍ୟ କଠୋର ତଥା କର୍କଶ ହୋଇଯାଇଛି। ତେବେ ଏଠାରେ କ'ଣ କରାଯାଇପାରେ। କିଭଳି ଧନୀ ଘରର ସେହି ବାଲୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା-ମଆଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଉାଟା ପରିବର୍ତ୍ତନ ହୋଇପାରିବ। ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା। ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିପାରିବା ନାହିଁ। ଜଣକର ପରିବର୍ତ୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତନ ପରେ ଆସିପାରିବ। ପରିବର୍ତ୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ଯାହାହେଉ ଶେଷରେ ପରିବର୍ତ୍ତନ ହେଲା ଜନୈକ ଧନୀ ବ୍ୟକ୍ତିଙ୍କ ପୁଅର ଯେ କି ପରିବାର ପାଇଁ କୌଣସି ରତନ ଠାରୁ କମ୍ ନଥିଲା।

# ପଣସ ଖାଇଲା କିଏ; ଅଜାଙ୍କ ମୁଣ୍ଡରେ ଅଠା



ଧୀରେନ୍ଦ୍ର ନାଥ ଦାସ

ପୁରୀ ଶ୍ରୀମନ୍ଦିର ଠାରୁ ୧୨ ମାଇଲ ଦୂରରେ ସାକ୍ଷୀଗୋପାଳ ବକୁଳବନ। ସେହି ବନରେ ଆମ୍ବ, ପଣସ, ନାରିକେଳ, ଜାମୁ, ସପେଟା, ଆତ, ପିଜୁଳି, କରମଙ୍ଗା, ସତ୍ୟଆମ୍ବ, ବରକୋଳି, ନର କୋଳି, ବେଲ, କଇଥ ପ୍ରମୁଖ ଫଳଦାୟୀ ବୃକ୍ଷ ରହିଥିବା ବେଳେ ବଉଳ, ଛୁରିଅନା, ବର, ଅଶ୍ୱତ୍ଥ, ଶିମଳି, ଆଦି ଗଛ ଭରପୁର ରହିଥିଲା। ସେହିପରି ମାଧବୀ, ନିଆଳି, କୁନ୍ଦ, ମନ୍ଦାର, ଟଗର, ଚମ୍ପା, ଦୟଣା, ସେବତୀ ମଲ୍ଲୀ, ତରାଟ, ଜୁଇ, ଜାଇ, କେତକି, ସେବତି ଆଦି ସୁଗନ୍ଧିତ ପୁଷ୍ପରାଜିରେ ବିମଣ୍ଡିତ ହୋଇ ରହିଥିଲା। ଏହି ବକୁଳବନଟି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଥିଲା। ଶ୍ରୀ ଜଗନ୍ନାଥଙ୍କ ଅଜା ଭାବେ ପରିଚିତ ଶ୍ରୀ ସିଦ୍ଧବଳରାମ ଏହି ବନରେ ରହିଆସିଛନ୍ତି। ସବୁବେଳେ ଶ୍ରୀମନ୍ଦିର ଭିତରେ ରହୁଥିବାରୁ ବାହାରେ କିଛି ସମୟ ବୁଲିବା ପାଇଁ ପୂର୍ଣ୍ଣିମା ରାତିରେ ଶ୍ରୀମନ୍ଦିରରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଭାଇ ବଳରାମ ଦିନେ ବକୁଳବନ ପରିସରରେ ଆସି ପହଞ୍ଚିଲେ। ନାନା ଜାତିର ପାଚିଲା ଫଳ, ଫୁଲର ବାସ୍ନାରେ ବକୁଳବନ ମହକି ଉଠୁଥାଏ। ଦୁଇଭାଇ କିଛି ସମୟ ବନ ପରିସରରେ ବୁଲାବୁଲି କରି ସୌନ୍ଦର୍ଯ୍ୟ ଉପଭୋଗ କଲେ। ସେହି ବନରେ ଗୋଟିଏ ପଣସ ଗଛରେ ବଡ ପଣସଟିଏ ପାଚି ମହ ମହ ବାସ୍ନା ହେଉଛି। ବଡଭାଇ ବଳରାମ କହିଲେ ଜଗନ୍ନାଥ! ଏହି ଗଛରେ ପଣସ ପାଚି ବାସ୍ନା ହେଉଛି। ଗୋଟିଏ ପଣସ ତୋଳି କରି ଆଣ ଦୁଇଭାଇ ମିଶି ଖାଇବା। ଜଗନ୍ନାଥ ହଁ କହି ପଣସ ତୋଳିବା ପାଇଁ ଗଛରେ ଚଢି ଗୋଟିଏ ପାଚିଲା ପଣସ ତୋଳି ତଳକୁ ଆଣିଲେ। ଗରମ ଦିନ ତ ଗଛତଳେ ଥଣ୍ଡା ପବନରେ ଅଜା ସିଦ୍ଧବଳରାମ ସେହି ପଣସ ଗଛମୂଳରେ ଗାମୁଛା ଟିଏ ପକେଇ ନିଘୋଡ଼ ନିଦରେ ଶୋଇଛନ୍ତି। ଅଜା ନଜାଣି ପାରିବା ଭଳି ବଡ ସନ୍ତର୍ପଣରେ ଦୁଇଭାଇ ପଣସ ଛଡେଇ ମନଭରି ଫୁଟ୍ ଖାଇଲେ। ଖାଇ ସାରିବା ପରେ ଦୁହିଁଙ୍କ ହାତରେ ଅଠା ସାଲୁବାଲୁ ହୋଇ ଲାଗିଥାଏ। ହାତରୁ ଅଠା କିପରି ଛଡେଇବେ ଏଇକଥା ଦୁଇଭାଇ କଥା ହେଲେ। ଜଗତର ଶ୍ରେଷ୍ଠ କଳାକାର ନଟକୁଟିଆ ଶ୍ରୀ ଜଗନ୍ନାଥ କହିଲେ ଏହି ଶୋଇଥିବା ଅଜାଙ୍କ ମୁଣ୍ଡରେ ଗୋଛାଏ ଚୁଟି ରହିଛି। ତାଙ୍କରି ମୁଣ୍ଡ ଚୁଟିରେ ଆମ ହାତରେ ଲାଗିଥିବା ଅଠା ଘସି ଛଡେଇ ଦେଇ ଚାଲିଯିବା। ସେଇଆ ବି ଦୁଇଭାଇ କଲେ। ଅଧିକନ୍ତୁ ପଣସ ଚୋପାତକ ଅଜାଙ୍କ ମୁଣ୍ଡରେ ଘୋଡେଇ ଦେଲେ। ନିଦ ବାଉଳାରେ ଅଜା ସିଦ୍ଧବଳରାମ ଉଠି ପଡି ଚୋର ଚୋର କହି ଦୁଇଭାଇଙ୍କୁ ଗାମୁଛାରେ ଗୁଡାଇ ନିକଟରେ ଥିବା ବଉଳଗଛରେ ବାନ୍ଧି ପକେଇଲେ। ନାତି ଜଗନ୍ନାଥ କହିଲେ ଅଜା ଆମେ ପରା ତୁମ ଦୁଇ ନାତି। ବଡ ଦେଉଳରେ ସବୁବେଳେ ରହି ଭଲ ଲାଗିଲାନି ଅଜାଙ୍କ ବକୁଳବନ ବୁଲିବାକୁ ଆସିଥିଲୁ। ଏଠାରେ ପଣସ ପାଚି ବାସ୍ନା ହେଉଥିଲା। ମନହେଲା ପାଚିଲା ପଣସ ଖାଇବାକୁ। ଆମେ ମାତ୍ର ଗୋଟିଏ ପଣସ ଖାଇଛୁ। ତା'ର ଚୋପାକୁ ଗଦେଇ ଦେଇଛୁ। ଆମେତ ତୁମର ନାତି। ଗୋଟିଏ ପଣସ ଖାଇଲୁ, ତୁମ ବନରେ ପ୍ରଚୁର ପଣସ ଫଳିଛି। ସାମାନ୍ୟ ଭୁଲ ପାଇଁ ଆମକୁ କାହିଁକି ବଉଳଗଛରେ ବାନ୍ଧି ପକେଇଲ ବୋଲି ହସି ହସି ଜଗନ୍ନାଥ କହିଲେ। ମତେ ପରା ଥରେ ଯଶୋଦା ମାଆ ଯାମଳା ଅର୍ଜୁନ ଗଛରେ ବାନ୍ଧିଥିଲେ। କିମିତି ଯାମଳା ଅର୍ଜୁନ ଗଛ ଉପୁଡି ପଡିଲା ସେ କଥା ତୁମର ତ ମନେଥିବ। କ'ଣ ଅଜା ସତ କହିଲିନା। ଏତିକି ଶୁଣିବା ପରେ ଅଜା ସିଦ୍ଧବଳରାମଙ୍କ ରାଗ କମିଗଲା। ଦୁଇଭାଇ ଙ୍କୁ ଗଛରୁ ଫିଟାଇ ଦେଇ କହିଲେ ଆରେ ନାତି! ପଣସ ତ ଖାଇଲ ଯାହାକଲ ପଣସ ଚୋପା ଗୁଡାକ ମୋ ମୁଣ୍ଡ ଉପରେ ଲଦି ଦେଇ ମୋ ଚୁଟିରେ ଅଠା ଗୁଡାକ ବୋଲି ପକେଇଲ କାହିଁକି? ମୁଁ ତୁମ ଅଜା। ଥଟ୍ଟା ପରିହାସ କରିବ ବୋଲି ଏମିତି କ'ଣ କରାଯାଏ। ବଣରେ ରହି ଚୁଟି କାଟି ପାରୁନି। ନାପିତ ଏ ବଣ ଜଙ୍ଗଲକୁ ଆସୁନି। ମୋ ମୁଣ୍ଡରେ ଗୋଛାଏ ଚୁଟି। ସେଥିରେ ତୁମେ ଦି'ଭାଇ ପଣସ ଅଠା ବୋଲି ଦେଲ। ସେଇଥିପାଇଁ ଟିକିଏ ରାଗିକର ତୁମ ଦୁହିଁଙ୍କୁ ବଉଳଗଛରେ ବାନ୍ଧି ପକେଇଲି। ମୋ ଧନଟି ପରା! ହଉ ମନଦୁଃଖ କରନି ମୁଁ କାଲି ରାଧା କୁଣ୍ଡ ପୁଷ୍କରିଣୀର ପାଣିରେ ମାଟି ଲଗେଇ ମୁଣ୍ଡ ଧୋଇ ଗାଧୋଇ ଅଠା ଛଡେଇଦେବି। ଏବେ ତୁମେ ଦୁଇଭାଇ ଶ୍ରୀ ମନ୍ଦିର ଫେରି ଯାଅ। ହସି ହସି ନାତି ଜଗନ୍ନାଥ କହିଲେ ଅଜା ଏହି ବଉଳଗଛରେ ବାନ୍ଧା ହେବା ପାଇଁ ଆମ ଦୁଇଭାଇଙ୍କ ଭାରି ଇଚ୍ଛା ହେଉଛି। ରଥଯାତ୍ରାରେ ଆମର ଅଙ୍ଗ ସୁରକ୍ଷାର ଆବଶ୍ୟକତା ଅନୁଭୂତ ହେଉଛି। ଏଥର ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଳ ପକ୍ଷ ନିର୍ଜଳା ଏକାଦଶୀ ତିଥିରେ ତୁମ ବକୁଳବନରୁ ବଉଳ କାଠ ରଥ ଖଳାକୁ ଯିବ। ସେହି ବଉଳ କାଠରେ ଆମପାଇଁ ବାହୁଟ ଓ ସେନାପଟା ତିଆରି କରାଯାଇ ସେଥିରେ ଆମେ ବନ୍ଧାହୋଇ ଶ୍ରୀ ଗୁଣ୍ଡିଚାଘରକୁ ରଥରେ ଯିବୁ। ଆମେ ଅଜାଙ୍କ ବକୁଳବନରୁ ପଣସ ଚୋରୀ କରି ଖାଇଥିବାର ସ୍ମୃତିକୁ ସବୁଦିନ ମନେ ରଖିବାକୁ ଆମର ମନ ହୋଇଛି। ତୁମେ ତ ଅଜା! ଏଥିରେ ତୁମର ସମ୍ମତି ରହିବ ବୋଲି ଆଶା କରୁଛୁ। ଆଜି ଏଥିପାଇଁ ଅନୁମତି ଦିଅନ୍ତୁ। ଅଜା ସିଦ୍ଧବଳରାମ ନାତିଙ୍କ ଅନୁରୋଧରେ ସମ୍ମତି ପ୍ରଦାନ କଲେ। ସେହି ଦିନ ଠାରୁ ସାକ୍ଷୀଗୋପାଳ ବକୁଳବନରୁ ଶ୍ରୀ ଜଗନ୍ନାଥଙ୍କ ସେବାପାଇଁ ବଉଳ କାଠ ଜ୍ୟେଷ୍ଠ ଶୁକ୍ଳ ପକ୍ଷ ନିର୍ଜଳା ଏକାଦଶୀ ଦିନ ଶଗଡରେ ଲଦା ହୋଇ ରଥଖଳାରେ ପହଞ୍ଚି ଥାଏ। ଶ୍ରୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିନିଧି ମଣ୍ଡଳୀ ଆସି ବଉଳଗଛ ଚିହ୍ନଟ କରି ଯାଇଥାନ୍ତି। ନିର୍ଜଳା ଏକାଦଶୀ ତିଥିରେ ମନ୍ଦିର ପୁରୋହିତ, ତତ୍ୱାବଧାରକ, ଭୋଇସେବକ ମାନେ ଶଗଡ ବଳଦ ସହିତ ଆସି ପହଞ୍ଚିଥାନ୍ତି। ପାରମ୍ପରିକ ବିଧିବିଧାନ ଅନୁସାରେ ହୋମ କରାଯାଇ ଶ୍ରୀମନ୍ଦିରରୁ ଆସିଥିବା ଶିରିକପଡା ଓ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞା ମାଳ ଗଛରେ ବନ୍ଧାଯିବା ପରେ ଭୋଇ ସେବକ ପ୍ରଥମେ ରୁପା କୁରାଢିରେ ଅନୁକୂଳ କରି ଗଛକୁ କାଟି ଶଗଡରେ ଲଦି ଆଣିଥାନ୍ତି। ସିଦ୍ଧବଳରାମଙ୍କ ପୀଠରେ ଶଗଡ ରହେ। ସେଠାରେ ନୀତିକାନ୍ତି, ପୂଜାଅର୍ଚ୍ଚନା କରାଯାଇ ସଂକିର୍ତ୍ତନ, ଘଣ୍ଟ, ପଖାଉଜ, ମଶାଲ, ଛତି, ତ୍ରାସ, ବୈରଖ ଓ ବାଜାବାଣ ସହିତ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସାକ୍ଷୀଗୋପାଳ ବଜାର ବାଟଦେଇ ଜାତୀୟ ରାଜପଥକୁ ବଉଳ କାଠ ଶଗଡ ଆସିବା ପରେ ବାଟ ମହାବୀରଙ୍କ ମନ୍ଦିର ନିକଟରେ ଶ୍ରୀକ୍ଷେତ୍ର ମେଲାଣି ଦିଆଯାଇ ଥାଏ। ଏହି ପରିପ୍ରେକ୍ଷୀରେ ଉତ୍ସବକୁ ଅଧିକ ସରସ ସୁନ୍ଦର ତଥା ଆକର୍ଷଣୀୟ କରିବା ପାଇଁ ସତ୍ୟବାଦୀ ସଂସ୍କୃତି ସୂକ୍ଷ୍ମ ମଞ୍ଚ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଆସୁଛି।

ସାମ୍ବାଦିକ - ସୁଆଣ୍ଡୋ
୯୯୩୮୧୩୯୦୮୧

# ଜଗନ୍ନାଥଙ୍କର ଦେବଦୁର୍ଲ୍ଲଭ ରଥୋତ୍ସବ ଭାବ ଓ ସଂସ୍କୃତିର ଗାଥା



ଉମାଶଙ୍କର ପ୍ରସାଦ

ପବିତ୍ର ଆଷାଢ ମାସରେ ଅନୁଷ୍ଠିତ ହୋଇଥାଏ କୋଟି ଓଡିଆର ମଉଡମଣି ଜଗନ୍ନାଥ ମହାପ୍ରଭୁଙ୍କର ଦେବଦୁର୍ଲ୍ଲଭ 'ରଥୋତ୍ସବ'। ଶ୍ରୀମନ୍ଦିର ସମ୍ମୁଖରେ ଅପୂର୍ବ ପୀତ ଲୋହିତ 'ନନ୍ଦିଘୋଷ,ଗରୁଡଧ୍ୱଜ। ରଥର ସାରଥି ଦାରୁକ। ସମ୍ମୁଖରେ ଚତୁଷ୍ଟୟ ଶ୍ୱେତାଶ୍ୱ- ଶଙ୍ଖ, ବଳାହକ ଶ୍ୱେତ ଓ ହରିଦାଶ୍ୱ। ରଥର ଚତୁପାର୍ଶ୍ୱରେ ନବ ଦେବତା ବିଦ୍ୟମାନ ଯଥା:- ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଗବ ଓ ନୃସିଂହ। ରଥର ଦେବୀ ଯୋଗମାୟା। ରଥର ଉର୍ଦ୍ଧ୍ୱରେ ଅପୂର୍ବ ପତାକା ତ୍ରୈଲୋକ୍ୟ ମୋହିନୀ। ତ୍ରୈଲୋକ୍ୟ ଚିନ୍ତାମଣି ନୀଳାଦ୍ରିନାଥ ରଥ ଉପରେ ବିରାଜମାନ। ମସ୍ତକରେ ସୁବାସିତ କୁସୁମର ଅପୂର୍ବ ଟାୟା ଓ ଦୟଣାମାଳି ପ୍ରଦତ୍ତ ମାଳଚୂଳ। ଅନେକ ଭକ୍ତ ମାନଙ୍କ ମଧ୍ୟରେ ବାରି ହେଇ ଯାଉଥିବା ଶ୍ରୀ ରାଧାଭାବ ଶ୍ରୀ ଗୌରସୁନ୍ଦର, ମହାପ୍ରଭୁ ଚୈତନ୍ୟ ଚନ୍ଦ୍ରଙ୍କ ଚାରିପଟେ ଭକ୍ତ ପରିବେଷ୍ଟିତ ହୋଇ ଶ୍ରୀହରି ଜଗନ୍ନାଥଙ୍କ ଗୁଣାନୁ କୀର୍ତ୍ତନରେ ନୃତ୍ୟକରି ତାଳେ ତାଳେ ଆତ୍ମହରା ହୋଇ ଉଠୁଛନ୍ତି। ନନ୍ଦ ନନ୍ଦନ ରୂପୀ ନୀଳାଦ୍ରିନାଥ ଙ୍କୁ ଐଶ୍ୱର୍ଯ୍ୟ ଲୀଳାଭୂମି ନୀଳାଚଳରୁ ମାଧୁର୍ଯ୍ୟ ଲୀଳାଭୂମି ସୁନ୍ଦରାଚଳ (ଗୁଣ୍ଡିଚା ମନ୍ଦିର) କୁ ଆକର୍ଷଣ କରି ନେବା ପାଇଁ ବ୍ୟାକୁଳ। ସମସ୍ତ ଭକ୍ତମାନଙ୍କର ନେତ୍ର ଯୁଗଳରେ ପ୍ରେମାଶ୍ରୁର ପ୍ଲାବନ ଓ ଦିବ୍ୟ ଶରୀରରେ ରୋମାଂଚ। ସର୍ବ ଭକ୍ତ ମନୋରଥ କୁ ପୁରଣ କରିଥିବା ନୀଳାଚଳ ଧାମ ଚୈତନ୍ୟ ମହାପ୍ରଭୁ, ବହୁ ଆଚାର୍ଯ୍ୟପାଦ, ବ୍ରହ୍ମଙ୍କ ,ସିଦ୍ଧ ସନ୍ଥ ରାମାନୁଜ, ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ, କବିର, ନାନ. ଗଣପତି ଭଟ୍ଟ ଓ ସନ୍ଥ ତୁଳସୀ ପ୍ରମୁଖ ପରମପାବନ ଭୌମ ବୈକୁଣ୍ଠ ନୀଳାଚଳ ଧାମକୁ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କୁ ନିଜର ଇଷ୍ଟଦେବରୂପେ ଦର୍ଶନ କରି କୃତାର୍ଥ ହୋଇଚନ୍ତି। ସନ୍ଥ ତୁଳସୀ ଶ୍ରୀ ଜଗନ୍ନାଥଙ୍କୁ ନୟନାଭିରାମ ଶ୍ରୀରାମଚନ୍ଦ୍ର ରୂପେ, ଗଣପତି ଭଟ୍ଟ ସ୍ନାନବେଦୀରେ ମହାପ୍ରଭୁଙ୍କୁ ନିଜ ଇଷ୍ଟ ଗଣେଶ ବା ହସ୍ତୀରୂପେ ଦର୍ଶନ କରି କୃତକୃତ୍ୟ ହୋଇଛନ୍ତି। ଅବତାରୀ ପୁରୁଷ ନିର୍ଗୁଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କଠାରୁ ରାମ, କୃଷ୍ଣ,ବାମନ, ଓ ନୃସିଂହାଦି ସମସ୍ତ ସଗୁଣ ଓ ଅବତାର ବାଦର ସୃଷ୍ଟି। ଅବ୍ୟୟ, ଅପ୍ରମେୟ, ଗୁଣହୀନ ତଥା ଗୁଣାତ୍ମକ ଭଗବାନଙ୍କର ଅଭିବ୍ୟକ୍ତି ଅବତାର ମନୁଷ୍ୟର ପରମ କଲ୍ୟାଣକାରୀ ଓ ମୋକ୍ଷ ସାଧନପାଇଁ ଉଦ୍ଦିଷ୍ଟ। ଭଗବାନଙ୍କର ଭୌତିକ ସୌନ୍ଦର୍ଯ୍ୟ, ଚାରିତ୍ରିକ ମାଧୁର୍ଯ୍ୟ, ଅପ୍ରମେୟ ଆକର୍ଷଣର ପରିଚୟ କେବଳ ସେ ବିଶ୍ୱନିୟନ୍ତାଙ୍କ ଅବତାରଠାରୁ ମିଳିଥାଏ। ଋକ୍‌ବେଦର ନ୍ତରୂପଂ ରୂପ ପ୍ରତିରୂପୋ ବଭୂବ, ତଦସ୍ୟ ରୂପଂ ପ୍ରତିଚକ୍ଷଣାୟଂ ଶ୍ଳୋକରୁ ଏକରୁ ଅନେକର ସୃଷ୍ଟି ପ୍ରତିପାଦିତ ହୁଏ। ଅବତାର ପୁରୁଷଗଣ ଶରୀରଦାରୀ ଓ ବିଗ୍ରହବନ୍ତ। ତେଣୁ ସସୀମ, ଶାନ୍ତ, ଉପାଧିଯୁକ୍ତ ଓ ଅଚିର ଅଟନ୍ତି। ସେମାନଙ୍କର ଶରୀର ଚିନ୍ମୟ ହେଲେ ମଧ୍ୟ ଆବିର୍ଭାବ ଓ ତିରୋଭାବ ଦେଖାଯାଏ। କିନ୍ତୁ ନୀଳାଦ୍ରିନାଥ ଶ୍ରୀ ଜଗନ୍ନାଥ ନିରାକାର, ନିର୍ବିକଳ୍ପ ଓ ନିତ୍ୟ ସନାତନ। ସେ ବିବିନ୍ନ ଲୀଳା ବିଳାସପାଇଁ ରାମ, କୃଷ୍ଣ ଓ ବାମନାଦି ବିଭିନ୍ନ ରୂପରେ ପ୍ରତିବାତ ହୁଅନ୍ତି। ଏକ ଅଗ୍ନିଶିଖାରୁ ଶତ ସହସ୍ର ସ୍ଫୁଲିଙ୍ଗ ବିଚ୍ଛୁରିତ ହେବାପରି ଏକ ନିର୍ଗୁଣ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କଠାରୁ ସମସ୍ତ ଗୁଣବାଦର ସୃଷ୍ଟି। ଶ୍ରୀଜଗନ୍ନାଥ ଏକଧାରାରେ ନିର୍ଗୁଣ ବ୍ରହ୍ମ ଓ ସଗୁଣ ବିଶ୍ୱରୂପ ଏବଂ ଜୀବନ ଜଗତର ହୃଦସ୍ଥିତ ପରମାତ୍ମା। ସଭ୍ୟତା ସମାଜର ବାହ୍ୟ ଆଚରଣ। ସଂସ୍କୃତି ଜାତିର ବଳିଷ୍ଠ ଚେତନା ଏବଂ ଆତ୍ମିକ ଜୀବନ ଦର୍ଶନର ରୂପାୟନ। ଏ ଦୃଷ୍ଟିରୁ ଓଡିଶାର ଇତିହାସ, ପରମ୍ପରା, ଓଡିଆ ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ ଯିଏ ଓଡିଆ ଜାତିର ଜୀବନଶୈଳୀକୁ ନାନା ଭାବରେ ଆଚ୍ଛନ କରି ରଖିବା ସହିତ ଚଳଣି ଓ ପରମ୍ପରାରେ ଓତଃପ୍ରୋତ ଭାବେ ଜଡିତ ହୋଇ ରହିଛନ୍ତି। ହିନ୍ଦୁଧର୍ମର ଆଧ୍ୟାତ୍ମିକ ଓ ଦାର୍ଶନିକ ଅନୁଚିନ୍ତା ଶ୍ରୀଜଗନ୍ନାଥଙ୍କ ପୁରୁଷୋତ୍ତମ ପୀଠ ଭାବେ ଗ୍ରହଣ କରାଇଥାଏ। ଭାରତର ପ୍ରାଚୀନତମ ସଭ୍ୟତା ହେଉଛି ବୈଦିକ ସଭ୍ୟତା। ହଜାର ହଜାର ବର୍ଷ ତଳୁ ଏହି ବୈଦିକ ଗ୍ରନ୍ଥ ଋଷିଜନ ସେବିତ ପବିତ୍ର ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ପ୍ରଥମେ ବେଦରେ କିଭଳି ଭାବରେ ଗ୍ରହଣ କରାଯାଇଥାଏ ତାହା ଓଡିଆ ସାହିତ୍ୟରେ ଲିପିବଦ୍ଧ ହେଲା। ନ୍ତବଳଭଦ୍ର ଯେ ସାମହୋଇ, ଋକ୍ ଯେ ସୁବଦ୍ରା ଅଟଇ / ଯଯୁର୍ବେଦ ଶ୍ରୀ ଜଗନ୍ନାଥ, ଅଥର୍ବ ସୁଦର୍ଶନ ପାର୍ଥନ୍ତ। ଆଦିକବି ସାରଳା ଦାସ ଜଗନ୍ନାଥଙ୍କୁ ବିଭିନ୍ନ ଭାବରେ ପରିକଳ୍ପନା କରିଛନ୍ତି। ସୃଷ୍ଟି, ପାଳନ ଓ ପ୍ରଳୟର ଦେବତା ଭାବେ ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କୁ ଗ୍ରହଣ କରାଗଲା। ସାରଳା ଦାସ ଏହି ତିନି ଦେବତାଙ୍କୁ ତାଙ୍କର (ମୂଷଳୀପର୍ବ) ରେ ଦର୍ଶାଇଛନ୍ତି 'ରାମ କୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା/ ଶ୍ରୀ ପୁରୁଷୋତ୍ତମେ ବିଜେ ହରିହର ବ୍ରହ୍ମା'। ଶ୍ରୀକ୍ଷେତ୍ରରେ ଏହି ପରମ ପାବନ ରଥୋତ୍ସବ ଯେଉଁମାନେ ଦର୍ଶନ କରନ୍ତି ସେମାନେ ସର୍ବପାପରୁ ମୁକ୍ତି ପାଇଥାନ୍ତି। ନ୍ତସର୍ବପାପ ବିନିର୍ମୁକ୍ତୋ ଭୁକ୍ତାଶର୍ମାଖିଳଂ ପରମ୍ / ସର୍ବାନ୍ କାମାନ୍ ପରଂ ଲବ୍ଧା ବିଷ୍ଣୁଲୋକଂ ବ୍ରଜନ୍ତିତେନ୍ତ।

ଖୋର୍ଦ୍ଧା
୬୩୭୦୬ ୭୫୫୬୨

# ଅଦ୍‌ଭୁତ ଦୁର୍ବଳତା : ଷ୍ଟକହୋମ ସିଣ୍ଡ୍ରୋମ୍



ପ୍ରଫେସର ଡାକ୍ତର ସମ୍ରାଟ କର

କଥାରେ ଅଛି ଅଚିହ୍ନା ବା ଅଜଣା ଲୋକଟି ସହ ଜଣେ ସାଥି ହୋଇ ଚାଲିଲେ ସମ୍ପର୍କ ବଢ଼ିଥାଏ। କିନ୍ତୁ ଏକ ଅଦ୍ଭୁତ ଓ ବିଚିତ୍ର ଅନୁରାଗ କୁହାଯାଇପାରେ ଅପହଣ ବା ଅତ୍ୟାଚାରର ଶିକାର ହୋଇବି ପୀଡ଼ିତ ମାନଙ୍କ ଭିତରେ ଅପରାଧୀମାନଙ୍କ ପାଇଁ ଦୁର୍ବଳତା ବା ଶ୍ରଦ୍ଧା ସୃଷ୍ଟି ହୋଇଥାଏ। ତେବେ ଏହି ଷ୍ଟକ୍‌ହୋମ ସିଣ୍ଡ୍ରୋମ୍‌ଟି କ'ଣ? ୧୯୭୩ ଅଗଷ୍ଟ ୨୩ ତାରିଖ ସ୍ୱିଡ଼େନ ପାଇଁ ଏକ ସ୍ମରଣୀୟ ଦିବସ ହୋଇ ରହିବ। ତେବେ ଅଗଷ୍ଟ ୨୩ରେ ଏହି ଷ୍ଟକ୍‌ହୋମର ଏକ ବ୍ୟାଙ୍କ ଭିତରେ କିଛି ଅପରାଧୀ ପଶିଯାଇଥିଲେ। ଆତଙ୍କର ପରିବେଶ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ସେମାନେ କିଛି ଲୋକଙ୍କୁ ପଣବନ୍ଦୀ ବି କରିଥିଲେ। ପାଞ୍ଚଦିନ ପରେ କିନ୍ତୁ ସେ ଉଦ୍ଧାର ହୋଇଥିବା ପଣବନ୍ଦୀମାନେ ମୁକ୍ତ ହେବାପରେ ସେମାନଙ୍କୁ ପଣବନ୍ଦୀ କରିଥିବା ଲୋକଟି ବିରୋଧରେ କିଛି କହିବାପାଇଁ ମନା କରିଥିଲେ। ଏପରିକି ସାମ୍ବାଦିକମାନଙ୍କୁ ସୂଚନା ଦେଲାବେଳେ ଅପରାଧୀଙ୍କ ସପକ୍ଷରେ ବହୁତ କିଛି କହିଥିଲେ। ତେବେ ପଣବନ୍ଦୀଙ୍କର ବନ୍ଧକଙ୍କ ପ୍ରତି ଥିବା ସହାନୁଭୂତି ଓ ଭଲପାଇବା ଦେଖି ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ। ଏହା କାହାପାଇଁ ଏକ ମାମୁଲି କଥା ହୋଇପାରେ ସତ କିନ୍ତୁ ଏହି ଘଟଣା ପରେ ଜରେ ଖ୍ୟାତିସମ୍ପନ୍ନ ଅପରାଧ ବିଜ୍ଞାନୀ ଓ ମନୋବ୍ୟାଧି ଚିକିତ୍ସକ ନିଲସ୍ ବେଜେରଟ୍ ଏହି ବିଚିତ୍ର ମାନସିକତାକୁ ଷ୍ଟକହୋମ ସିଣ୍ଡ୍ରୋମ ବୋଲି ନାମିତ କରିଥିଲେ। ୧୯୩୩ରେ ଆମେରିକାର ମେରୀ ନାମକ ଜଣେ ଝିଅକୁ ଅପହୃତାମାନେ ନେଇଯାଇଥିଲେ। ସେମାନେ ବିନିମୟରେ ଅର୍ଥ ଚାହିଁଥିଲେ। ତେବେ ସେମାନେ ଧରାପଡ଼ିବା ପରେ କଠୋର ଦଣ୍ଡ ପାଇଥିଲେ ମାତ୍ର ନ୍ୟାୟାଳୟରେ ଏହି ଦଣ୍ଡବିଧାନକୁ ବିରୋଧ କରିଥିଲେ ମେରୀ। ପରେ ମେରୀଙ୍କ ମାନସିକତାରୁ ଏହା ଏପରି ପ୍ରଭାବ ପକାଇଥିଲା ଯେ ସେ ଘର ସଂସାର କରିନଥିଲେ। ରୋଗଗ୍ରସ୍ତ ହୋଇ ୧୯୪୦ରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିଲେ। ଇଏ ହେଉଛି ଭାତ ହାଣ୍ଡିରୁ ଗୋଟିଏ ଗୋଟିଏ ପରି। ସାଧାରଣତଃ ଅପହୃତାଙ୍କ ଦ୍ୱାରା ଅତ୍ୟାଚାରିତ ନ ହୋଇଥିଲେ ଯେଉଁ ମାନସିକତା ବା ଦୁର୍ବଳତା ସୃଷ୍ଟି ହୁଏ ତାହାକୁ ଷ୍ଟକହୋମ ସିଣ୍ଡ୍ରୋମ କୁହାଯାଏ। ଯେତେବେଳେ ଅପହରଣ ହୋଇଥିବା ବ୍ୟକ୍ତି ଅନୁଭବ କରନ୍ତି ଯେ ତାଙ୍କ ଘର ପରିବାର ଠାରୁ ଅପହରଣ କରିଥିବା ଲୋକଟିର ତାହା ପ୍ରତି କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ବରଂ କିଛି ସାମଗ୍ରୀକ ଭାବରେ ବା ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଦାବି ପୂରଣ ପାଇଁ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ତେବେ ଅପହରଣକାରୀ ମାନଙ୍କ ପାଇଁ ସମବେଦନା ତଥା ସକରାତ୍ମକ ମନୋଭାବ ସୃଷ୍ଟି ହୋଇଥାଏ। କାରଣ ସେମାନେ ଅପହରଣକାରୀଙ୍କ ଦ୍ୱାରା ଏପରି ଭାବରେ ଓ ଏତେ ଗଭୀର ପ୍ରସଙ୍ଗ ପ୍ରଭାବିତ ହୋଇଯାଇଥାନ୍ତି ଯେ ଭାବନ୍ତି ଯେପରି କ୍ଷେତ୍ରରେ ଯେକେହି ଥିଲେ ବି ଏପରି ହିଁ କରିଥାନ୍ତା। ତେବେ ଅପହୃତାମାନେ ଅପହୃତ ହୋଇଥିବା ଲୋକଙ୍କର କୌଣସି କ୍ଷତି ନପହଞ୍ଚାଇ ଥିଲେ ସେମାନେ ସ୍ୱାଭାବିକ ଭାବରେ ଅପହରଣକାରୀଙ୍କ ପାଇଁ ବରଂ ନିଜ ଦୁର୍ବଳତା ପ୍ରକଟ କରିଥାନ୍ତି। ଜଣେ କୌଣସି ଅତ୍ୟାଚାରର ଶିକାର ହୋଇଥିଲେ ଏଭଳି ସକରାତ୍ମକ ଭାବନା ସୃଷ୍ଟି ହେବା କମ୍। ମଣିଷର ମନ ଏଭଳି ଯେ ଯଦି ଯେ କୌଣସି ଅଜଣା ବ୍ୟକ୍ତିଙ୍କ ସହ କିଛି ସମୟ ବିତାଏ ସେ ବ୍ୟକ୍ତି ସହ ତା ସମ୍ପର୍କ ଗଢ଼ିଉଠେ। ତେବେ କେତେକ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। କାରଣ ସମସ୍ତଙ୍କର ଭାବନା ଓ ବ୍ୟବହାରିକ ଦୁର୍ବଳତା ସବୁବେଳ ସବୁଦିନ ପାଇଁ ରହିନପାରେ। ତେଣୁ ଏହାର ଶିକାର ହୋଇଥିବା ଲୋକ ବା ପିଲାଟିକୁ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଆବଶ୍ୟକ। ଅନେକ ସମୟରେ କେବଳ ବିଦେଶରେ ନୁହେଁ ଆମ ଭାରତ ଏପରିକି ଓଡ଼ିଶାରେ ଅନେକ ଘଟଣା ଘଟିଥାଏ। ବୃତ୍ତିଗତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ଅନେକ ଚରିତ୍ର ଆମେ ଦେଖୁଛୁ। ତେବେ ଏହାକୁ ନେଇ କୌଣସି ଭୟଭୀତ ହେବାର କାରଣ ନାହିଁ ବରଂ ଡାକ୍ତରଙ୍କ ପରାମର୍ଶରେ ସବୁକିଛି ଠିକ୍ ଠାକ ହୋଇଯାଏ।

ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ, ପୁରୀଘାଟରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧ ଜୁଲାଇ ୨୦୨୬

# ମର୍ମନ୍ତୁଦ ସଡକରେ ୧ ମୃତ ୨ ଗୁରୁତ୍ୱ



ବସ୍ତା, ୩୦।୬ : ୧୬ ନଂ ଜାତୀୟ ରାଜପଥର ବସ୍ତା ବାଇପାସ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅମର୍ଦାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବାଇକକୁ ପିଟିଲା ଡମ୍ଫର। ଜଣେ ମୃତ ଦୁଇ ଜଣ ଗୁରୁତର।ସୂଚନା ଅନୁସାରେ ଆଜି ଦିନ ଏଗାର ଘଟିକା ତିରିଶ ମିନିଟ ସମୟରେ ନୀଳଗିରି ଥାନା ମଦରାଜପୁର ଗ୍ରାମର ସୁଦର୍ଶନ ସାହୁଙ୍କ ପୁତ୍ର କମଲ ଲୋଚନ ସାହୁ (୩୫),ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କାନପୁର ଗ୍ରାମର ସମ୍ପର୍କୀୟ ଭଉଣୀ ଓ ଭାଣିଜୀକୁ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ବସ୍ତା ପାସ ନିକଟରେ ଛିଡା ହୋଇ ଥିବା ଏକ ଡମ୍ଫର ହଠାତ ଡାହାଣକୁ କାଟି ଦେବାରୁ ଦୁର୍ଘଟଣା ଘଟିଥିଲା।ଗୁରୁତର ଅବସ୍ଥାରେ କମଲ ଲୋଚନ ଏବଂ ତାଙ୍କର ଭଉଣୀ ଓ ଭାଣିଜୀକୁ ଉଦ୍ଧାର କରି ବସ୍ତା ମେଡି କାଲକୁ ପଠାଇଥିବା ବେଳେ ଡାକ୍ତର କମଳକୁ ମୃତ ଘୋଷଣା କରିଥିଲେ ଏବଂ ଭଉଣୀ ଓ ଭାଣିଜୀକୁ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଘଟଣା ସ୍ଥଳରେ ପହଁଚି ଉଭୟ ଗାଡିକୁ ଜବତ କରିବା ସହିତ ଡମ୍ଫର ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

**ରେବତୀ ସେଠୀଙ୍କ ଅଭିଯୋଗ ୧୦ ଦିନ ବିତିଯାଇଥିଲେ ହେଁ ଆସାମୀକୁ ପୋଲିସ ଗିରଫ କରୁ ନଥିବାରୁ**

# ଏସଡିପିଓଙ୍କୁ ଭେଟି ଲିଖିତ ଅଭିଯୋଗ କଲେ ପୀଡ଼ିତାଙ୍କ ସହ ପରିବାରଲୋକେ

## ■ ଅଭିଯୋଗ ପରେ ପରିବାର ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

**ବସ୍ତା,୩୦।୬ :** ଅଭିଯୋଗ କରିବା ୧୦ ଦିନ ପରେ ବି ଆକ୍ରମଣକାରୀଙ୍କ ଉପରେ ପୋଲିସ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଏବଂ ପରିବାରଙ୍କୁ ନ୍ୟାୟ ନ ମିଳିବାରୁ ନ୍ୟାୟ ପାଇଁ ପରିବାର ଲୋକେ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାରୁ ପ୍ରକାଶ,ବାଲିଆପାଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତରେ ଗତ ଜୁନ ୨୦ ତାରିଖରେ ଉକ୍ତ ଗ୍ରାମରେ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଯାତ୍ରା ହେଉଥିଲା।ବିଷ୍ଣୁପୁର ଗ୍ରାମରେ ଯାତ୍ରା ହେଉଥି ବାରୁ ଗ୍ରାମ ଲୋକେ ଯାତ୍ରା ଦେଖିବାକୁ ଯାଇଥିଲା ବେଳେ ସେହି ଗ୍ରାମର ନବୀନ ସେଠୀଙ୍କ ସ୍ତ୍ରୀ ରେବତୀ ସେଠୀ ତାଙ୍କ ଭାଉ ଜଙ୍କ ସହ ଯାତ୍ରା ଦେଖିବା ପାଇଁ ୪ ଜଣ ପିଲାଙ୍କୁ ନେଇ ମହା ଦେବ ମଣ୍ଡପକୁ ଯାଇଥିଲେ।ତେବେ ମେଲୋଡି ସରିବା ପରେ ରେବତୀ ତାଙ୍କ ଭାଉଜ ସଂଯୁକ୍ତା ସେଠୀ ପିଲା ଦୁଇଟିକୁ ନେଇ ଘରକୁ ଫେରୁ ଥିବା ବେଳେ ପୁତୁରା ସଙ୍ଗେ ରାସ୍ତାରେ ଫୋନ ଯୋଗେ କଥା ହେଉଥିଲେ।ମୁଣ୍ଡପ ଠାରୁ ଅନିତ ଦୂରରେ ଏକ ଛକ ଠାରେ ୪/୫ ଜଣ ଯୁବକ ମଦ୍ୟପାନ କରି ସେଠାରେ ବସିଥିଲେ।୪/୫ ଜଣଙ୍କ ମଧ୍ୟରୁ ସେହି ଗ୍ରାମର ବରେନ୍ଦ୍ର ଧଳଙ୍କ ପୁଅ ଶିବ ପ୍ରସାଦ ଧଳ ମହିଳାଙ୍କୁ ଏକୁଟିଆ ଦେଖି ଅତର୍କିତ ଭାବେ ଅଗ ଘେରି ଦେଇ ମନ୍ଦ ଉଦ୍ଦେଶ୍ୟରେ ଖରାପ ଇଙ୍ଗିତ କରିଥିଲେ।ହେଲେ ମହିଳା ଜଣଙ୍କ ବିରୁଦ୍ଧ କରିବାରୁ ତାଙ୍କୁ ଅଶୀଳ ଭାଷାରେ ଗାଳି ଗୋଲଜ ଦେବା ସହିତ ଗୋଟିଏ ହାତରେ ତାଙ୍କ ବେକ ଚିପି ଧରିବା ସହ ତାଙ୍କ ଛାତିକୁ ଜୋରରେ ଧରି କଚାଡି ଦେଇ ତାଙ୍କ ଉପରେ ମାଡି ବସି ଛାତିରେ ହାତ ବୁଲାଇବା ସହ ତାଙ୍କ ଶାଢ଼ି ଓ ବ୍ଲାଉଜ ଚିରି ଦେବା ସହ ତାଙ୍କ ଯୌନାଙ୍ଗ ଉପରେ ଜୋରରେ ଆଘାତ ଦେଇ ଥିଲେ।ତାଙ୍କ ଭାଉଜ ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରିବାକୁ ଆସି ବାରୁ ଜୈନିକ ଯୁବକ ପପୁ ରେବାତୀଙ୍କ ଭାଉଜଙ୍କୁ ଜୋର ଗୋଇଠା ମାରିବା ଫଳରେ ଦୁଇଟି ଛୁଆ ସହିତ ଛିଟିକି ତଳେ ପଡ଼ିଯାଇ ଥିଲେ।ପରେ ଶରୀର ବିଭିନ୍ନ ଅଙ୍ଗକୁ ମନ୍ଥି ଦେଇଥିଲେ ବୋଲି ଜୁନ ୨୦ ତାରିଖ ବାଲିଆପାଳ ଥାନାରେ ଲିଖିତ ଅଭି ଯୋଗ କରିଥିଲେ।ହେଲେ ୧୦ ଦିନ ବିତି ଯାଇଥିଲେ ହେଁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ମଙ୍ଗଳବାର (ଆଜି) ବସ୍ତା ଏସ ଡି ପି ଓ କାର୍ଯ୍ୟାଳୟରେ ପହଁଚି ଏସ ଡି ପି ଓ ଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଯଥା ଶୀଘ୍ର ଦୋଷୀ ମାନଙ୍କୁ ଗିରଫ ନକଲେ ଅନ୍ଦୋଳନ୍ମାକ ପନ୍ଥା ଅବଲମ୍ବନ କରିବେ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ କଡା ଚେତାବନୀ ଦେଇଛନ୍ତି ପୀଡ଼ିତାଙ୍କ ସହିତ ପରିବାର ଲୋକେ।ହେଲେ ପୋଲିସ ଅଭିଯୋ ଗ ଗ୍ରହଣ କରିଥିଲେ ହେଁ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପର ପକ୍ଷେ ଜୀବନରୁ ମାରିଦେବା ଧମକ ଦେଉଛନ୍ତି।ପରିବାର ଲୋକେ ଏତଲା ମୁତାବକ ତଦନ୍ତ କରାଯାଇ ଆସାମୀ ମାନଙ୍କୁ ଗିରଫ କରି ଉଚିତ ଦଣ୍ଡ ଦେବାକୁ ସାମ୍ବାଦିକ ସମ୍ମିଳନୀରେ ଆକୁଳ ନିବେଦନ କରିଛନ୍ତି। ଜୀବନରୁ ମାରିଦେବା ଧମକ ଦେଇଥିବାରୁ ଭୟରେ ଅଛନ୍ତି ପରିବାର ଲୋକେ। ଉଚିତ ନ୍ୟାୟ ନ ମିଳିଲେ ଅଭିଯୋଗ କାରୀ ଆତ୍ମହତ୍ୟା କରିବେ ବୋଲି ପ୍ରକାଶ କରିଛନ୍ତି।ଏସ ଡି ପି ଓ ଙ୍କୁ ପଚାରିବାରୁ ଆସାମୀ ଫେରାର ଅଛି, ଆମର ତଦନ୍ତ ଜାରି ରହିଛି।ଯଥାଶୀଘ୍ର ଆସାମୀକୁ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି।



# ଗୋପାଳପୁର ରାୟଗଡା ରେଳ ପ୍ରକଳ୍ପ ଦାବିରେ ଆନ୍ଦୋଳନ ଡାକରା

**ବ୍ରହ୍ମପୁର,୩୦।୬ :** ଗୋପାଳପୁର ରାୟଗଡା ରେଳ ପ୍ରକଳ୍ପ ଦାବିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଭାସମିତି ଜରିଆରେ ଜନ ସଚେତନତା ସହିତ ଜନ ଆନ୍ଦୋଳନ ପାଇଁ ଅକୁଣ୍ଠ ସମର୍ଥନ ମିଳୁଥିବା ବେଳେ କୁକୁଡାଖଣ୍ଡି ବ୍ଲକ ଅଞ୍ଚଳରେ ମଧ ତାର ପ୍ରଭାବ ପରିଲକ୍ଷିତ ହୋଇଛି । ଏହି ପ୍ରକଳ୍ପ ଦାବିରେ ଆଜି ବାଲିପଡ଼ା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସଭାରେ ପ୍ରାକ୍ତନ ସର୍ବ ଭାରତୀୟ ପ୍ରଶାସକ ଡକ୍ଟର ବାଳକୃଷ୍ଣ ପଣ୍ଡା ଅଧକ୍ଷତା କରିଥିବା ବେଳେ ଦିଗପହଣ୍ଡି ଏନଏ ସି ଅଧକ୍ଷ ପ୍ରଫୁଲ ପଣ୍ଡା, ବରିଷ୍ଠ ସାମ୍ୟବାଦୀ ନେତା କୈଳାଶ ଷଡଙ୍ଗୀ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ, ଦକ୍ଷିଣ ଓଡିଶା ରେଳ ବିକାଶ ପରିଷଦର ଉପସଭାପତି ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା,ବାଲିପଡ଼ା ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠି, ପୂର୍ବତନ ସରପଞ୍ଚ ମନୋଜ ବିଷୋୟୀ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଆଇନଜୀବୀ କୁରେଶୁ ପଣ୍ଡା କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ଏହି ଦାବୀ ପୂରଣ ଦିଗରେ ଯେକୌଣସି ସ୍ତରର ଆନ୍ଦୋଳନକୁ ଓଲହାଇ ବାକୁ ସଭାରେ ମତ ପ୍ରକାଶ ପାଇଥିଲା । ପ୍ରକଳ୍ପ ଅଧିନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ଅନ୍ୟାନ୍ୟ ବରିଷ୍ଠ ସଂଗଠକ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ କମିଟି ଗଠନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା । ଏହି ସଭାରେ ବିଭିନ୍ନ ଅଂଚଳର ଜନ ପ୍ରତିନିଧି, ଆଇନଜୀବୀ, ସାମାଜିକ କର୍ମୀ ମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରକୃତିବନ୍ଧୁ ବୃନ୍ଦାବନ ପଣ୍ଡା, ସୁନୀଲ କୁମାର ବିଷୋୟୀ ଚାନ୍ଦିପୁଟ ଜିଲ୍ଲା ପରିଷଦ ସଦସ୍ୟ,ଦିଗପହଣ୍ଡି ୨୫ ନମ୍ବର ଜୋନ ର ଜିଲ୍ଲାପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପ୍ରଧାନ, କଇଠଖଣ୍ଡି ସରପଞ୍ଚ ତଥା ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘର ସଭାପତି ମନୋରଞ୍ଜନ ଗୌଡ଼, ଚଷା ନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼, ଖମାରିଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ତୁରୁବୁଡି ସରପଞ୍ଚ ଲିଙ୍ଗରାଜ ଦୋରା, ପ୍ରାକ୍ତନ ସରପଞ୍ଚ, ରାଜେନ୍ଦ୍ର ପ୍ରସାଦ ପାଠୀ, ପିତାମ୍ବର ଗୌଡ଼, ଭୀମସେନ ସାହୁ, ସଂଜୀବ ରେଡ଼ି, ସାରଥୀ ଗୌଡ଼, ସିମାଞ୍ଚଳ ବିଷୋୟୀ, ମହୁଡା ପଂଚାୟତ ସମିତି ସଭ୍ୟ ଯତୀନ୍ଦ୍ର ପାତ୍ର, ଦକ୍ଷିଣ ଓଡିଶା ରେଳ ବିକାଶ ପରିଷଦର ସଦସ୍ୟ ସୁଜିତ କୁମାର ତ୍ରିପାଠୀ, ଅବସର ପ୍ରାପ୍ତ ଶିକ୍ଷକ ପଦ୍ମ ଚରଣ ମେକାପ, ଆଇନଜୀବୀ ସୁକାନ୍ତ ପ୍ରଧାନ,ଶୁଭେନ୍ଦୁ ପାଢ଼ୀ, ରାୟଗଡା ଜିଲ୍ଲା ପଦ୍ମପୁର ବିକାଶ ପରିଷଦର ସଭାପତି ଉଦୟ ନାଥ ସାହୁ, ସାମାଜିକ କର୍ମୀ ସୁଶାନ୍ତ ପାଣି, ଆଇନଜୀବୀ ସତ୍ୟନାରାୟଣ ରଥ, ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

**ଧାନ କିଣା ଅବ୍ୟବସ୍ଥା**

# କଳାହାଣ୍ଡି ଜିଲ୍ଲାପାଳଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

## ■ ବେହେରା ରାଇସ ମିଲ୍ ସିଲ୍



**ଭବାନୀପାଟଣା, ୩୦।୬ :** କଳାହାଣ୍ଡି ଜିଲ୍ଲାରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି। ମଣ୍ଡିଗୁଡ଼ିକରେ ଲକ୍ଷ ଲକ୍ଷ କୁଇଣ୍ଟାଲ ଧାନ ପଡ଼ି ରହିଥିବା ବେଳେ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳ ସଚିନ ପାୱାର ଏକ୍ସନ ମୁଡ୍‌କୁ ଆସିବା ସହ ବେଆଇନ କାର୍ଯ୍ୟକଳାପରେ ସଂପୃକ୍ତ ରାଇସ ମିଲ୍ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି।ଜିଲ୍ଲାର କେସିଙ୍ଗା ବ୍ଲକ ଅମାଠ ସ୍ଥିତ 'ବେହେରା ରାଇସ ମିଲ୍' ବିରୋଧରେ ବେଆଇନ ଧାନ ମହଜୁଦ ରଖିବା ସହ ମଣ୍ଡିରୁ ନିର୍ଦ୍ଦେଶ ସତ୍ତ୍ୱେ ଧାନ ନ ଉଠାଇବା ନେଇ ଅଭିଯୋଗ ହୋଇଥିଲା। ଏପରିକି ମଣ୍ଡିରୁ ଧାନ ନ ଉଠାଇ ମିଲ୍ ମାଲିକ ନିଜ ଗୋଦାମ ଭର୍ତ୍ତି କରୁଥିବା ଜଣାପଡ଼ିଥିଲା। ଏହି ଅଭିଯୋଗ ଆଧାରରେ ଜିଲ୍ଲାପାଳ କେସିଙ୍ଗା ତହସିଲଦାରଙ୍କୁ ତୁରନ୍ତ ତଦନ୍ତ କରି ମିଲ୍ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଯୋଗାଣ ବିଭାଗ ଓ ପୋଲିସ ବାହିନୀ ପକ୍ଷରୁ ମିଳିତ ଭାବେ ଉକ୍ତ ରାଇସ ମିଲ୍ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ମିଲ୍ ଏବଂ ବାହାରେ ଥିବା ଏକ ଗୋଦାମକୁ ସିଲ୍ କରାଯାଇଛି। ତଦନ୍ତ ବେଳେ ସେଠାରେ ବିପୁଳ ପରିମାଣର ବେଆଇନ ଗଚ୍ଛିତ ଧାନ ଥିବା ସ୍ପଷ୍ଟ ହୋଇଛି ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନର ଏହି ଆକସ୍ମିକ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପରେ ଜିଲ୍ଲାର ଅନ୍ୟ ଅସାଧୁ ମିଲ୍ ମାଲିକମାନଙ୍କ ମଧ୍ୟରେ ଛନକା ପଶିଛି। ଆଗକୁ ଏଭଳି ଚଢ଼ାଉ ଜାରି ରହିବ ବୋଲି ସୂଚନା ମିଳିଛି।

# ଡ଼. ଅଜିତ କୁମାର ମିଶ୍ରଙ୍କୁ ଭାବବିହ୍ୱଳ ବିଦାୟ



**ବ୍ରହ୍ମପୁର,୩୦।୬ :** ତାରାତାରିଣୀ ମହାବିଦ୍ୟାଳୟ, ପୁରୁଷୋତ୍ତମପୁରର ରସାୟନ ବିଭାଗର ମୁଖ୍ୟ ତଥା ବରିଷ୍ଠ ଅଧ୍ୟାପକ ଡ଼. ଅଜିତ କୁମାର ମିଶ୍ର ମଙ୍ଗଳବାର ଦୀର୍ଘ ୩୨ ବର୍ଷର ଗୌରବମୟ କର୍ମଜୀବନ ସମାପନ କରି ଅବସର ଗ୍ରହଣ କରିଛନ୍ତି। ଡ଼. ମିଶ୍ର ୧ ନଭେମ୍ବର ୧୯୯୪ ରେ ତାରାତାରିଣୀ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ନିଜର ଦୀର୍ଘ କର୍ମଜୀବନରେ ସେ କେବଳ ରସାୟନ ବିଭାଗର ବିକାଶରେ ନୁହେଁ, ବରଂ ମହାବିଦ୍ୟାଳୟର ଶିକ୍ଷା, ପ୍ରଶାସନ, ପରୀକ୍ଷା ପରିଚାଳନା, ବିଭିନ୍ନ କାର୍ଯ୍ୟକ୍ରମ ଓ ସାମଗ୍ରିକ ଉନ୍ନତିରେ ନିଷ୍ଠାର ସହିତ ଦାୟିତ୍ୱ ବହନ କରି ଜଣେ ଦକ୍ଷ, କର୍ମଠ ଓ ଆଦର୍ଶ ଶିକ୍ଷକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର କର୍ତ୍ତବ୍ୟନିଷ୍ଠା, ସରଳ ବ୍ୟକ୍ତିତ୍ୱ, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ ଓ ମହାବିଦ୍ୟାଳୟ ପ୍ରତି ସମର୍ପଣ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଅବସର ଉପଲକ୍ଷେ ଆୟୋଜିତ ବିଦାୟ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପ୍ରଦୀପ କୁମାର ସାହୁ ଡ଼. ମିଶ୍ରଙ୍କ କର୍ମନିଷ୍ଠା, ଦାୟିତ୍ୱବୋଧ ଓ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନର ଉଚ୍ଚ ପ୍ରଶଂସା କରିଥିଲେ। ଏହାପରେ ବାସୁଦେବ ମହାପାତ୍ର, ସନ୍ଧ୍ୟାରାଣୀ ପାତ୍ର, ଡ଼. ରମେଶ ସେନାପତି, ଡ଼. ସୁବ୍ରତ କୁମାର ଷଡ଼ଙ୍ଗୀ, ପ୍ରକାଶ ଚନ୍ଦ୍ର ପଣ୍ଡା ଏବଂ ସୁଧୀର କୁମାର ଦାସ ନିଜ ଅଭିଭାଷଣରେ ଡ଼. ମିଶ୍ରଙ୍କ ଦୀର୍ଘଦିନର ସେବା, ସରଳତା ଓ ସହଯୋଗୀ ମନୋଭାବକୁ ସ୍ମରଣ କରି ଭାବବିହ୍ୱଳ ବିଦାୟ ଜଣାଇଥିଲେ। ଶେଷରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ପୂର୍ବତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଡ଼. ମିଶ୍ରଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଅବସର ଜୀବନ କାମନା କରି ତାଙ୍କୁ ଭାବବିହ୍ୱଳ ବିଦାୟ ଜଣାଇଥିଲେ।

# ବିଂଶତମ ଜାତୀୟ ପରିସଂଖ୍ୟାନ ଦିବସ




**ବାଲେଶ୍ୱର, ୩୦।୬ :** ଜିଲ୍ଲା ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ବିଂଶତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନବିଶଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ନୀତି ନିର୍ଦ୍ଧାରଣ ଓ ବିକାଶମୂଳକ ଯୋଜନା ପ୍ରସ୍ତୁତିରେ ପରିସଂଖ୍ୟାନର ଭୂମିକା ଅପରିହାର୍ଯ୍ୟ। ଡ. ଉମାକାନ୍ତ ନାୟକ, ସୁଶାନ୍ତ କୁମାର ମଣ୍ଡଳ ଓ ଡ. ପ୍ରଦୋଶ କୁମାର ଜେନା ପରିସଂଖ୍ୟାନର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉପନିର୍ଦ୍ଦେଶକ ହେମନ୍ତ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ନିର୍ଦ୍ଦେଶକ ଅଞ୍ଜନ କୁମାର ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅରଡ଼ବଜାର ଟିଚର୍ସ କଲୋନୀ ସଭାପତି ଦାଶରଥି ବେହେରାଙ୍କ ପରଲୋକ



**ବାଲେଶ୍ୱର, ୩୦।୬ :** ପ୍ରାକ୍ତନ ଶିକ୍ଷକ ଓ ଅରଡ଼ବଜାର ଟିଚର୍ସ କଲୋନୀର ସଭାପତି ଦାଶରଥି ବେହେରାଙ୍କ ୮୮ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଟିଚର୍ସ କଲୋନୀ ଏବଂ ଜନ୍ମଗ୍ରାମ ବରଡିହାରେ ଶୋକର ଛାୟା ଖେଳିଯାଇଛି। ସୋମବାର ଅପରାହ୍ନରେ ଟିଚର୍ସ କଲୋନୀ ପକ୍ଷରୁ ଆୟୋଜିତ ଶୋକସଭାରେ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉପସ୍ଥିତ ରହି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ନିର୍ଭିକ, ମିଷ୍ଟଭାଷୀ, ସମାଜସେବୀ, ପରୋପକାରୀ ଓ କର୍ମଯୋଗୀ ବ୍ୟକ୍ତିତ୍ୱ ଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ୧୯୩୯ ମସିହାରେ ବରଡିହା ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ବେହେରା ଜିଲ୍ଲାର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଶିକ୍ଷକତା କରି ୧୯୯୮ ମସିହାରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ବାଲେଶ୍ୱର ଟିଚର୍ସ କଲୋନୀରେ ବସବାସ କରୁଥିଲେ।

**ବାରହା ଶିକାର ଲାଗି ଯାଇଥିଲେ ୬ ଆନ୍ଧ୍ର ଶିକାରୀ ଗିରଫ**

# ବିପୁଳ ବିସ୍ଫୋରକ ଓ ଗୁଳି ଜବତ

**ଟିକିଟୀ,୩୦।୬:** ବ୍ରହ୍ମପୁର ପୋଲିସ ଜିଲ୍ଲା କେ. ନୂଆଗାଁ ଥାନା ଅନ୍ତର୍ଗତ କୋଟଲିଙ୍ଗ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ବାରହା ଶିକାର ପାଇଁ ଅନୁପ୍ରବେଶ କରିଥିବା ଆନ୍ଧ୍ରପ୍ରଦେଶର ଜଣ ଶିକାରୀଙ୍କୁ ସ୍ଥାନୀୟ ଗ୍ରାମବାସୀ କାବୁ କରି ପୋଲିସରେ ଜିମା ଦେଇଛନ୍ତି। ଟିକିଟୀ ଫାଣ୍ଡି ଅଧିକାରୀ ଗୌତମ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗୁଳି ଓ ବିସ୍ଫୋର ।ରକ ସାମଗ୍ରୀ ଜବତ କରିଛନ୍ତି। ନୁଯାୟୀ, ପାଲିସ ସୂଚନା ଅନୁଯା ଶିକାରୀମାନ ନଙ୍କ ନିକଟରୁ ୮୫ଟି ସୀସା ଗୁଳି, ଗୋଟିଏ ପ୍ଲାଷ୍ଟିକ ଡବାରେ କଳା କୋଇଲା ଗୁଣ୍ଡ, ଅନ୍ୟ ଏକ ଏକ ଡବାରେ ର ହଳଦିଆ ରଙ୍ଗର ଗନ୍ଧକ ଗୁଣ୍ଡ (ସଲଫର), ଗୋଟିଏ ହାତୁଡ଼ି, ପ୍ଲାୟର୍ସ, ଏକ ଲୁହା ଖଣ୍ଡା ଏବଂ ୬ଟି ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ସୋମଦୁଲା ସୁରେଶ , କୁସ୍ଥିଳି ଚରଣ ଚରଣ (୨୦), ଏରା ବାଲାରାଜୁ (୯୦), ବୋରା ରମଣା, ଆଲାପାନା ଗୋବିନ୍ଦୁ (୨ (୨୫) ଏବଂ ଜଣେ ୧୭ ବର୍ଷୀୟ ନାବାଳକ। ଏ ନେଇ ଇ କେ. ନୂଆଗାଁ -ଥାନାରେ କେସ ନଂ -ବିଏନଏସ ଏସ (ବିଏନଏସ) ର ଧାରା ୨୮୮/୩(୫), ବି ବିସ୍ଫୋରକ ଆକ୍ଟର ଧାରା ୯(ବି), ବିସ୍ଫୋରକ ପଦାର୍ଥ ଆକ୍ଟର ଧାରା ୪ ଏବଂ ଅସ୍ତ୍ରଶସ୍ତ୍ର ଆଇନ (ଆର୍ମ୍ସ ଆକ୍ଟ) ର ଧାରା ୨୫(୧) (ଏ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ପାତ୍ରପୁର ଜେଏମଏଫସି କୋର୍ଟ ଏବଂ ନାବାଳକଙ୍କୁ ବ୍ରହ୍ମପୁର ଜେଜେବି କୋର୍ଟକୁ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।




# ବେଦମନ୍ତ୍ରରେ ପ୍ରକମ୍ପିତ କନିମୂଳ ଦାରୁବ୍ରହ୍ମ ପୀଠ

## ଚତୁର୍ଥ ବାର୍ଷିକ ବ୍ରହ୍ମଯଜ୍ଞ ଉଦ୍‌ଯାପିତ



**ଜଗତସିଂହପୁର, ୩୦।୬ :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳସ୍ଥିତ ଦାରୁବ୍ରହ୍ମ ପୀଠରେ ଆୟୋଜିତ ଚତୁର୍ଥ ବାର୍ଷିକ ତ୍ରିଦିବସୀୟ ବ୍ରହ୍ମଯଜ୍ଞ ସୋମବାର ରାତି ୧୦ଟାରେ ପୂର୍ଣ୍ଣାହୁତୀ ସହ ମହାସମାରୋହରେ ଉଦଯାପିତ ହୋଇଛି। ଧାନକୁଦ ପୀଠାଧୀଶ ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୨୮ ଜୁନରୁ ଆରମ୍ଭ ହୋଇଥିବା ଏହି ଆଧାତ୍ମିକ ମହୋତ୍ସବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଦାରୁବ୍ରହ୍ମଙ୍କ ଆଶୀର୍ବାଦ ଲାଭ କରିଥିଲେ। ବୈଦିକ ପରମ୍ପରା ଅନୁଯାୟୀ ଘଟସ୍ଥାପନ, ଗୋପୂଜା, ସୂର୍ଯ୍ୟପୂଜା, ଦଶଦିଗପାଳ ପୂଜା, ଶାଳାପୂଜା ସମେତ ବିଭିନ୍ନ ଧାର୍ମିକ ନୀତିକାନ୍ତି ସମ୍ପନ୍ନ ହେବା ପରେ ଯଜ୍ଞ ନାରାୟଣଙ୍କ ପୂଜା ଓ ଆହୁତି ପ୍ରଦାନ କରାଯାଇ ବିଶ୍ୱଶାନ୍ତି, ସମୃଦ୍ଧି ଓ ମାନବ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା। ଶେଷ ଦିନ ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜ ପୂର୍ଣ୍ଣାହୁତୀ ପ୍ରଦାନ କରିବା ସହ ପ୍ରତିଦିନ ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ ମାଧ୍ୟମରେ ଭକ୍ତମାନଙ୍କୁ ଧର୍ମ, ଭକ୍ତି ଓ ମାନବ ସେବାର ବାର୍ତ୍ତା ପ୍ରଦାନ କରିଥିଲେ। ଯଜ୍ଞର ମୁଖ୍ୟ ପୁରୋଧା ଭାବେ ପଣ୍ଡିତ ସୁବାସ ଚନ୍ଦ୍ର ଦାଶ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଯଜ୍ଞକର୍ତ୍ତା ଓ କର୍ତ୍ତ୍ରୀ ଭାବେ ସୂର୍ଯ୍ୟ ନାରାୟଣ ରାଉତ ଏବଂ ପ୍ରଜିତା ରାଉତ ଯୋଗଦେଇଥିଲେ। ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ବହୁ ଶ୍ରଦ୍ଧାଳୁ ଏହି ପବିତ୍ର ଅନୁଷ୍ଠାନରେ ସାମିଲ ହୋଇ ଯଜ୍ଞର ପୁଣ୍ୟଫଳ ଲାଭ କରିଥିଲେ। ପ୍ରତି ସନ୍ଧ୍ୟାରେ ଅନୁଷ୍ଠିତ ଭଜନ ସମାରୋହ ଓ ଆଧାତ୍ମିକ ପ୍ରବଚନ ଅଞ୍ଚଳବାସୀଙ୍କୁ ଆଧାତ୍ମିକ ପରିବେଶରେ ବିଭୋର କରିଥିଲା। ଅନୁଷ୍ଠାନକୁ ସଫଳ କରିବାରେ ଆୟୋଜକ କମିଟିର ସଭାପତି ରମାକାନ୍ତ ରାଉତ, ସମ୍ପାଦକ ନିତ୍ୟାନନ୍ଦ ସାମଲ, କୋଷାଧ୍ୟକ୍ଷ ନୃସିଂହ ଚରଣ ରାଉତଙ୍କ ସମେତ ପ୍ରମୋଦ କୁମାର ରାଉତ, ଖୁଲଣା ସ୍ୱାଇଁ, ସୁବ୍ରଜିତ ରାଉତରାୟ, ସୌମ୍ୟ ରଞ୍ଜନ ବେହେରା, ବିଷ୍ଣୁ ଚରଣ ରାଉତ, ଅରୁଣ କୁମାର ସାମଲ, ସୁଶୀଲ କୁମାର ସାହୁ ଏବଂ କନିମୂଳ ଗ୍ରାମର ଯୁବକମାନେ ସକ୍ରିୟ ସହଯୋଗ କରିଥିଲେ। ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜ କମିଟିର ମୁଖ୍ୟ ଉପଦେଷ୍ଟା ଓ ବ୍ରହ୍ମଚାରୀ ବିପିନ ବାବା ମୁଖ୍ୟ ସଂଯୋଜକ ଭାବେ ସମଗ୍ର ଯଜ୍ଞ ପରିଚାଳନାରେ ମୁଖ୍ୟ ଭୂମିକା ନିଭାଇଥିଲେ। କନିମୂଳ ଗ୍ରାମବାସୀଙ୍କ ସମ୍ମିଳିତ ସହଯୋଗରେ ଆୟୋଜିତ ଏହି ଚତୁର୍ଥ ବାର୍ଷିକ ବ୍ରହ୍ମଯଜ୍ଞ ଅଞ୍ଚଳରେ ଧାର୍ମିକ ଚେତନା, ଭାଇଚାରା ଓ ଆଧାତ୍ମିକ ପରିବେଶକୁ ଆହୁରି ସୁଦୃଢ଼ କରିଥିବା ବେଳେ ଏହା ସମଗ୍ର ଅଞ୍ଚଳ ପାଇଁ ଆଶୀର୍ବାଦ ସଦୃଶ ବୋଲି ସଭାପତି ରମାକାନ୍ତ ରାଉତ ପ୍ରକାଶ କରିଛନ୍ତି।

# ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ

**ଜଗତସିଂହପୁର,୩୦।୬ :** ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ବ୍ଲକରେ ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ରାଜ୍ୟର ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରି ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାର ପୁନରାବୃତ୍ତି କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ତାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ତାଳପଡ଼ା ଗ୍ରାମସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଭୋଗ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ବରୁଣ୍ଡି ଗ୍ରାମରେ ନୂତନ ଗୋଷ୍ଠୀ ସଭାଗୃହ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିବା ସହ ଖୁଣ୍ଟଳ ଗ୍ରାମରେ ନବନିର୍ମିତ ଗୋଷ୍ଠୀ ସଭାଗୃହକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ, ମନ୍ଦିରରେ ଭୋଗ ମଣ୍ଡପ ନିର୍ମାଣ ହେଲେ ଶ୍ରଦ୍ଧାଳୁମାନଙ୍କ ପାଇଁ ଆବଶ୍ୟକ ସୁବିଧା ବୃଦ୍ଧି ପାଇବ। ସେହିପରି ଗୋଷ୍ଠୀ ସଭାଗୃହଗୁଡ଼ିକ ସ୍ଥାନୀୟ ଲୋକଙ୍କ ସାମାଜିକ, ସାଂସ୍କୃତିକ ଓ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି କରିବ। ଏହା ଗ୍ରାମର ସାମାଜିକ ସଂହତିକୁ ଅଧିକ ସୁଦୃଢ଼ କରିବା ସହ ପଞ୍ଚାୟତର ସାମଗ୍ରିକ ବିକାଶରେ ସହାୟକ ହେବ। ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ମାଧ୍ୟମରେ ଗାଁରେ ଆବଶ୍ୟକ ଭିତ୍ତିଭୂମି ସୁବିଧା ବୃଦ୍ଧି ପାଇବା ସହ ଲୋକଙ୍କ ଜୀବନଯାପନର ମାନରେ ଉନ୍ନତି ଆସିବ। ଏଭଳି ବିକାଶମୂଳକ ପ୍ରକଳ୍ପଗୁଡ଼ିକ ରାଜ୍ୟର ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟକୁ ସାକାର କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ ପ୍ରକାଶ କରିଥିଲେ।



# ଅଷ୍ଟମ ଦିନ ପହଞ୍ଚିଲା ଅଖିଳ ଭାରତ ଯୁବ ସଂଘର ଧାରଣା

**ବଣାଇଁ,୩୦।୬ :** ସୁନ୍ଦରଗଡ଼ ଜିଲ୍ଲା ହେମଗିର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିକୁ ନେଇ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନକୁ ବିତିଲା ଅଷ୍ଟମ ଦିନ। ଅଖିଳ ଭାରତ ଯୁବ ସଂଘ ହେମଗିର ବ୍ଲକ କମିଟି ପକ୍ଷରୁ ସ୍ଥାନୀୟ ଯୁବକ, ଯୁବତୀ ନିଯୁକ୍ତି ଓ ବିଭିନ୍ନ ସମସ୍ୟାର ଦାବି ନେଇ ହେମଗିର ତହସିଲ ସ୍ଥିତ ଓସିପିଏଲ, ବେଦାନ୍ତ, ଆଦାନୀ, ଏମସିଏଲ, ଏନଟିପିସି,ଡିବିଏଲ କମ୍ପାନୀରେ ସ୍ଥାନୀୟ ଯୁବକ, ଯୁବତୀ ନିଯୁକ୍ତି ଓ




ବିଭିନ୍ନ ସମସ୍ୟାର ଦାବି ନେଇ ହେମଗିର ତହସିଲ ସମ୍ମୁଖରେ ଗତ ୨୩ତାରିଖ ଠାରୁ ଗଣଧାରଣା ଦିଆଯାଇଛି। ତେବେ ଯେପର୍ଯ୍ୟନ୍ତ ଦାବି ପୂରଣ ନହୋଇଛି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ତଥା ହେମଗିର ତହସିଲ ସ୍ଥିତ ସମସ୍ତ ଖଣି ଖାଦାନ ସହ ହେମଗିର ବନ୍ଦର ଡାକରା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ତେବେ ଆଜକୁ ୮ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ପଡ଼ିନାହିଁ।

## ରୁପ୍ରାରୋଡ୍‌ରେ ପାନୀୟ ଜଳ ପାଇଁ ହାହାକାର

# ବିଲ୍ ପାସ୍ ହେଲା ହେଲେ ପାଇପ୍‌ରେ ଆସିଲାନି ପାଣି

**ଭବନୀପାଟଣା,୩୦।୬ :** 'ନେତା ବଦଳୁଛନ୍ତି, ସରପଞ୍ଚ ବଦଳୁଛନ୍ତି, ହେଲେ ବଦଳୁନି ଜନସାଧାରଣଙ୍କ ଭାଗ୍ୟ।' ପୂର୍ବତନ ସରପଞ୍ଚ ଯେଉଁଭଳି ଭାବେ ଲୋକଙ୍କୁ ମିଛ ପ୍ରତିଶ୍ରୁତିର ଭୁଆଁ ବୁଲାଇ, ଜନସ୍ୱାର୍ଥ ପାଇଁ ଆସିଥିବା ଲକ୍ଷାଧିକ ଟଙ୍କାରେ ନିଜର ପକେଟ୍ ଗରମ କରୁଥିଲେ, ବୋଧହୁଏ ବର୍ତ୍ତମାନର ସରପଞ୍ଚ ହେମନ୍ତ ଭୋଇ ମଧ୍ୟ ଠିକ୍ ସେହି ଚଲାପଥର ପଥିକ ସାଜିଛନ୍ତି। ଏଭଳି ଏକ ସଙ୍ଗୀନ ଅଭିଯୋଗ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ନିର୍ବାଚନ ସମୟରେ ପାନୀୟ ଜଳ ଯୋଗାଇଦେବାର ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଥିଲା। ସେହି ଅନୁଯାୟୀ ବିଭିନ୍ନ ସ୍ଥାନରେ ପାଇପ୍ ମଧ୍ୟ ବିଛାଗଲା ଏବଂ ସେହି ପାଇପ୍ ବାବଦକୁ ମୋଟା ଅଙ୍କର ବିଲ୍ ମଧ୍ୟ ପାସ୍ କରିଦିଆଗଲା। ହେଲେ ଦୁର୍ଭାଗ୍ୟର ବିଷୟ, ଆଜି ପର୍ଯ୍ୟନ୍ତ ସେହି ପାଇପ୍‌ରେ ଟୋପାଏ ହେଲେ ପାଣି ଆସିଲା ନାହିଁ କି ପ୍ରକଳ୍ପଟି କାର୍ଯ୍ୟକାରୀ ହେଲାନାହିଁ। ଯାହାର ସିଧାସଳଖ



ପରିଣାମ ଭୋଗୁଛନ୍ତି ରୁପ୍ରାରୋଡ୍ ଅଞ୍ଚଳର ଶତାଧିକ ଗ୍ରାମବାସୀ। ପାନୀୟ ଜଳ ପାଇଁ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁଣିବାକୁ ମିଳୁଛି ଯେ, ପଞ୍ଚାୟତର କାର୍ଯ୍ୟକାଳ ଶେଷ ହେବାକୁ ଆଉ କମ୍ ସମୟ ବାକି ଥିବା ବେଳେ, ଗତ କିଛି ମାସ ମଧ୍ୟରେ ପାଖାପାଖି ୫୦ ଲକ୍ଷ ଟଙ୍କାର ବିଭିନ୍ନ କାମ ହାତକୁ ନିଆଯାଇଛି। ଏତେ କମ୍ ସମୟ ମଧ୍ୟରେ ଏତେ ବଡ଼ ଅଙ୍କର ପ୍ରକଳ୍ପ ଆରମ୍ଭ ହେବା ଏବେ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତମାନ ଜନସାଧାରଣ ଙ୍କ ପ୍ରଶ୍ନ 'ଏହି ସବୁ ବିକାଶମୂଳକ କାର୍ଯ୍ୟ ସତରେ ଜମି ମାଟିରେ କାର୍ଯ୍ୟକାରୀ ହେବ, ନା କେବଳ କାଗଜପତ୍ର, ବିଲ୍ ଏବଂ ଭାଉଚର ମାଧ୍ୟମରେ ଟଙ୍କା ଉଠାଇ ହଡ଼ପ କରାଯିବ? 'ବର୍ତ୍ତମାନର ସରପଞ୍ଚଙ୍କ ଏହି ତତ୍ପରତା ପଛର ପ୍ରକୃତ ରହସ୍ୟ କଣ ଏବଂ ଆଗକୁ ଏହି ପ୍ରକଳ୍ପଗୁଡ଼ିକର ଭବିଷ୍ୟତ କଣ ହେଉଛି, ତାହା ଦେଖିବାକୁ ବାକି ରହିଲା। ଅଞ୍ଚଳବାସୀ ଏବେ ଏହି ସମଗ୍ର ବିଷୟର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ଜାତୀୟ ପଲସ ପୋଲିଓ ଦିବସ

# ପ୍ରଥମ ଦିନରେ ୮୦% ଶିଶୁଙ୍କୁ ଟୀକାକରଣ

**ବାଲେଶ୍ୱର,୩୦।୬ :** ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ପଲସ ପୋଲିଓ ଟୀକାକରଣ ଦିବସ ଅବସରରେ ଜିଲ୍ଲା ଟୀକାକରଣ କେନ୍ଦ୍ର କକ୍ଷରେ ଶୁଭ ଉଦ୍ଘାଟନ ସମାରୋହ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବାର୍ତ୍ତା ରହିଛି, "ଦୁଇ ବୁନ୍ଦା ପ୍ରତ୍ୟେକ ଥର, ପୋଲିଓ ଉପରେ ବିଜୟ ରହୁ ନିରନ୍ତର।" ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡା. ଗିରିଜା ଶଙ୍କର ଦାସ ଜଣେ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ସଞ୍ଜୀବ ପ୍ରଧାନ, ଡା. ଅନ୍ନପୂର୍ଣ୍ଣା ଜେନା, ଡା. ସ୍ମୃତି ପ୍ରକାଶ ମିଶ୍ର, ଚକ୍ରଧର ଜେନା, ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ରଞ୍ଜନ ମହାନ୍ତ, ସାସ୍ୱତୀ ମିଶ୍ର ଓ ନୂତନ ପ୍ରଭା ସାମଲ



ପ୍ରମୁଖ ଉପସ୍ଥିତ ଥିଲେ।ଜୁନ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଜିଲ୍ଲାର ୧,୯୨,୭୬୧ ଜଣ ଜନ୍ମରୁ ୫ ବର୍ଷ ବୟସର ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧,୦୬୩ଟି ଟୀକାକରଣ କେନ୍ଦ୍ର, ୪୬ଟି ଟ୍ରାଞ୍ଜିଟ୍ ଦଳ ଓ ୨୩ଟି ଭ୍ରାମ୍ୟମାଣ ଦଳ ନିୟୋଜିତ ହୋଇଛନ୍ତି। ୪,୩୯୦ ଜଣ ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱେଚ୍ଛାସେବୀଙ୍କ ସହ ୨୧୯ ଜଣ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ତତ୍ତ୍ୱାବଧାନରେ ଜୁନ ୨୯ ଓ ୩୦ ତାରିଖରେ ୪,୯୮,୨୬୩ଟି ଘର ପରିଦର୍ଶନ କରି ଅବଶିଷ୍ଟ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନ ଶେଷ ସୁଦ୍ଧା ଜିଲ୍ଲାର ୧,୪୦,୯୫୧ ଜଣ ଶିଶୁ, ଅର୍ଥାତ୍ ମୋଟ ଲକ୍ଷ୍ୟର ୮୦ ପ୍ରତିଶତଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି।

# ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର



**ବାଲେଶ୍ୱର,୩୦।୬ :** ବାଲେଶ୍ୱର ଷ୍ଟେସନ ଛକ ଅଞ୍ଚଳରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ଲୋକେ ଯୁବକଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସହଦେବଖୁଣ୍ଟା ଥାନା ପୋଲିସକୁ ଖବର ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ କର୍ତ୍ତବ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ୟୁଡି କେସ୍ ନଂ-୨୨/୨୬, ତାରିଖ ୨୮.୦୬.୨୦୨୬ ରୁଜୁ ହୋଇଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ସମ୍ପର୍କରେ କୌଣସି ସୂଚନା ଥିଲେ ତୁରନ୍ତ ସହଦେବଖୁଣ୍ଟା ଥାନାକୁ ଅବଗତ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ପବିତ୍ରା ଦେବୀ ଶିଶୁ ଭବନରେ ସ୍ୱଚ୍ଛତା ସଚେତନତା



**ବାଲେଶ୍ୱର,୩୦।୬ :** ଔପଦା ବ୍ଲକ ଅନ୍ତର୍ଗତ ଅଘିରାପଦା ପଞ୍ଚାୟତର ଚିଞ୍ଚିଡ଼ା ସ୍ଥିତ ପବିତ୍ରା ଦେବୀ ଶିଶୁ ଭବନ ପରିସରରେ ଡିସିପିଓଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ପରିବେଶ ଓ ସୁସ୍ଥ ଜୀବନର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ସୁପରିଣ୍ଟେଣ୍ଡେଣ୍ଟ ଅକ୍ଷୟ କୁମାର ନାୟକ, ଶିକ୍ଷକ-ଶିକ୍ଷୟିତ୍ରୀ, ଅତିଥିବୃନ୍ଦ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସ୍ୱଚ୍ଛତା ପ୍ରତି ସଚେତନ ରହିବାକୁ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ବକ୍ତାମାନେ ସ୍ୱଚ୍ଛତାକୁ ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିବା ସହ ଛୋଟବେଳୁ ସ୍ୱଚ୍ଛତାର ଅଭ୍ୟାସ ଗଢ଼ି ଉଠିଲେ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ସମସ୍ତେ ନିଜ ଘର, ବିଦ୍ୟାଳୟ ଓ ଆଖପାଖ ପରିବେଶକୁ ସଫା-ସୁଥା ରଖିବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ସଂକଳ୍ପ ନେଇଥିଲେ। ଆବଶ୍ୟକ ହେଲେ ଏହାକୁ ଆହୁରି ଛୋଟ କିମ୍ବା ଖବରକାଗଜର କଲମ୍ ଅନୁଯାୟୀ ସଂକ୍ଷିପ୍ତ କରିଦେଇପାରିବି।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**ବସ୍ତା,୩୦।୬ :** ଚାନସେଲର ରାଉତ ଜନସଂଘର ପ୍ରତିଷ୍ଠାତା ତଥା ରାଷ୍ଟ୍ର ନାୟକ ଏକ ରାଷ୍ଟ୍ରର ସୂତ୍ରଧର ଡାକ୍ତର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ବସ୍ତା ଏନଏସି ର



ବିଭିନ୍ନ ସ୍ଥାନରେ ପାଳନ ହୋଇଯାଇଛି ଉକ୍ତ କାର୍ଯ୍ୟକ୍ରମରେ ବସ୍ତାର ଯୁବ ନେତା ଶ୍ରୀଯୁକ୍ତ ବାବୁ ପାଣି, ଯୁବ ପ୍ରତିଭା ଶ୍ରୀଯୁକ୍ତ ଦେବାଶିଷ କବି, ବସ୍ତା ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ସହଯୋଗୀ ପିଣ୍ଟୁ ପ୍ରଧାନ ଭାଇ, ସୁଶାନ୍ତ ପାତ୍ର, କାହ୍ନୁ ଭାଇ, ରମେଶ ସାହୁ ଦେବେନ୍ଦ୍ର ବାରିକ ସୁବାସ କୁନା ଜୟନ୍ତ ସମେତ ବହୁ ବିଜେପି କର୍ମୀ ନେତା ମା ଓ ମାଉସୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ ସଭା ସାଙ୍ଗ ବେଳେ ଭାରତ ମାତା କି ଜୟ ର ନାରା ଓ ଶ୍ୟାମକ୍ଷ ପ୍ରସାଦ ମୁଖାର୍ଜୀ ଅମର ରହେ ର ନାରା ଦିଆ ଯାଇଥିଲା ସର୍ବ ଶେଷରେ ବାବୁ ପାଣି ସମସ୍ତଙ୍କୁ ଧନ୍ୟ ବାଦ୍ ଅର୍ପଣ କରିଥିଲେ।

# ପିତାତଳି ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି

**ଚିକିଟୀ,୩୦।୬ :** ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ ଅନ୍ତର୍ଗତ ପିତାତଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ଇଛି । ସ୍ଥାନୀୟ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଓ ପ୍ରଶାସନ–ଜନସାଧାର ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିର ଶି ଲୋକମାନଙ୍କ ମଧ୍ୟରେ ସକାରାତ୍ମକ ସ୍ୱର ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମରେ ଚିକିଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିବେକାନନ୍ଦ ମିଶ୍ର, ତହସିଲଦାର ଶ୍ରୀ ବିଶ୍ୱରଂଜନ କଂହର, ସିଡିପିଓ ଶ୍ରୀ ଶ୍ରୀମତୀ ଚକ୍ରଧର ଭି.ମଣିମାଳା, ସରପଞ୍ଚ ଏ. ରାଙ୍ଗାରାଓ ଓ ସୁମାଣ୍ଡି ଚିକିତ୍ସାଳୟର ଡ଼କ୍ଟ ରାଜେଶ କୁମାର ମିଶ୍ର ମଞ୍ଚାସିନ ଥିବା ବେଳେ ଏବିଡିଓ ଚକ୍ର ପ୍ରଧାନ,ବିଏସଏସ ଜୟଦେବ ଚୌଧୁରୀ,ଆର ଡି ଯନ୍ତ୍ରୀ ସହଦେବ ମଡେଇ,ଏବିଇଓ,ଡ୍ରେନେଜ ବିଭାଗ ଯନ୍ତ୍ରୀ, ରାଜସ୍ୱ ବିଭାଗ, ଆରଡବ୍ଲୁଏସଏସ, ଉଦ୍ୟାନ କୃଷି, ଯୋଗାଣ ବିଭାଗ, ପିଡବ୍ଲୁଡି ସହ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଶିବିରରେ ମୋଟ ୨୦ଟି ଅଭିଯୋଗ ଦାଖଲ ହୋଇଥିଲା । ଅଭିଜ୍ଞ ଓ କାର୍ଯ୍ୟଦକ୍ଷ ପିଇଓ ଶ୍ରୀ ପୁରୁଷୋତ୍ତମ ପ୍ରଧାନଙ୍କ ସୂଚାରୁ ପରିଚାଳନା ଓ ସମନ୍ୱୟମୂଳକ ପଦକ୍ଷେପ ଫଳରେ ସମଗ୍ର କାର୍ଯ୍ୟକ୍ରମଟି ସୁସଂଗଠିତ, ଶୃଙ୍ଖଳିତ ଓ ସାର୍ଥକ ଭାବେ ସମ୍ପନ୍ନ ହୋଇଥିଲା ।

# ବାଲୁଘାଟ ଏମଆରଏଫସିରେ ପ୍ଲାଷ୍ଟିକ୍ ବର୍ଜ୍ୟ ଏସଓପି ଉପରେ ପ୍ରଶିକ୍ଷଣ ଶିବିର

**ବଣାଇଁ,୩୦।୬ :** ରାଉରକେଲା ମହାନଗର ନିଗମ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା, ରାଉରକେଲା ର ମିଳିତ ଆନୁକୂଲ୍ୟରେ ଆଜି ବାଲୁଘାଟ ସ୍ଥିତ ମ୍ୟାଟେରିଆଲ୍ ରିକଭରୀ ଫେସିଲିଟି ସେଣ୍ଟରରେ "ପ୍ଲାଷ୍ଟିକ୍ ବର୍ଜ୍ୟର ମୂଲ୍ୟାଙ୍କନ ଓ ପୃଥକୀକରଣ ନିର୍ଦ୍ଧାରଣ ପାଇଁ ମାନକ ପରିଚାଳନା ପ୍ରକ୍ରିୟା (SOP) ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଆରଏମସି ର ଡେପୁଟି କମିଶନର ଶ୍ରୀମତୀ ଅନିତା ନାୟକ ( ଓଏଏସ) ଯୋଗ ଦେଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏସପିସିବି ର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ ମଲ୍ଲିକ କହିଛନ୍ତି ଯେ, "ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ୨୦୧୬ ଓ ସଂଶୋଧନ ୨୦୨୫ ଅନୁଯାୟୀ ପ୍ରତି ବର୍ଜ୍ୟ ପ୍ରକ୍ରିୟାକରଣ କୁ ଆସୁଥିବା ପ୍ଲାଷ୍ଟିକର ବୈଜ୍ଞାନିକ ମୂଲ୍ୟାଙ୍କନ ଓ ପୃଥକିକରଣ ବାଧ୍ୟତାମୂଳକ। ଏହି SOP ଦ୍ୱାରା ସହରର ପ୍ଲାଷ୍ଟିକ୍ ବର୍ଜ୍ୟର ପ୍ରକାର, ପରିମାଣ ଓ ଉତ୍ସ ବିଷୟରେ ସଠିକ୍ ଡାଟା ମିଳି ମିଳିବ।" ପ୍ରଶିକ୍ଷଣର ମୁଖ୍ୟ ଦିଗ ହେଲା କ୍ୱାର୍ଟରିଂ ପଦ୍ଧତିରେ ୧୨୦କେଜି ନମୁନା ନେବା ଓ ତାହାକୁ ପୃଥକୀକରଣ କରିବା ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକକୁ ଅଲଗା କରିବା ।




ପ୍ରତି ଶ୍ରେଣୀର ଓଜନ ପ୍ରତିଶତ ବାହାର କରି ଡାଟାସିଟ୍ ରେ ଲିପିବଦ୍ଧ କରିବା । ଯାହାଦ୍ୱାରା କେନ୍ଦ୍ର ର କର୍ମଚାରୀ ମାନେ ବ୍ୟବହାରିକ ଅଭ୍ୟାସ ଜାରି ରଖି ପାରିବେ । "ଏହି ଡାଟା ମାସିକ ରିପୋର୍ଟ ଆକାରରେ ଏସପିସିବି ଏବଂ ଇପିଆର ପୋର୍ଟାଲକୁ ଯାଇପାରିବ । ଏହା ଦ୍ୱାରା ରାଉରକେଲାରେ ପ୍ଲାଷ୍ଟିକ୍ ରିସାଇକ୍ଲିଂ ଓ କୋ-ପ୍ରୋସେସିଂ ପାଇଁ ଠିକ୍ ଯୋଜନା ହୋଇପାରିବ। ଏସପିସିବି ର ଉପ ପରିବେଶ ଯନ୍ତ୍ରୀ ଇଂ ବିଜୟ କୁମାର ଭୋଇ ଏହି ତାଲିମ ଶିବିର ର ଉଦେଶ୍ୟ ସମ୍ପର୍କ ରେ ବୁଝାଇଥିଲେ । ଅନ୍ୟତମ ଉପ ପରିବେଶ ଯନ୍ତ୍ରୀ ଇଂ ଚନ୍ଦ୍ରଶେଖର ଚୌହ୍ୱାନ ଓ ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି ଉପସ୍ଥିତ ରହି ପ୍ରକ୍ରିୟାକରଣ ଓ ଡାଟା ନିର୍ଦ୍ଧାରଣ କରିଥିଲେ। ଶିବିରରେ ୨୫ ଜଣ ସ୍ୱଚ୍ଛତା କର୍ମୀ, ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସୁରକ୍ଷା ପାଇଁ ସମସ୍ତ ପ୍ରତିଭାଗୀ ନିୟମିତ ଗ୍ଲୋଭସ୍, ମାସ୍କ ଓ ଆପ୍ରୋନ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଆଗାମୀ ମାସରୁ ବାଲୁଘାଟ କେନ୍ଦ୍ର ରେ ଏହି ଏସଓପି ଅନୁଯାୟୀ ଦୈନିକ ଡାଟା ରେକର୍ଡିଂ ଆରମ୍ଭ ହୋଇପାରିବ ।

# ଅଧ୍ୟକ୍ଷ ଡ଼ଃ ଶେଷାନନ୍ଦ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



**କୋଟପାଡ଼ , ୩୦।୬ :** କୋରାପୁଟ ଜିଲ୍ଲାର କୋଟପାଡ଼ ମହାବିଦ୍ୟାଳୟ ଠାରେ ଅଧ୍ୟକ୍ଷ ଡ଼ଃ ଶେଷାନନ୍ଦ ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା। କରାଯାଇଥିଲା,ଆଜି ଏକ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା,ଦୀର୍ଘ ଦୁଇ ବର୍ଷ ଧରି କୋଟପାଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ କାର୍ଯ୍ୟରତ ରହି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରି ଆସୁଥିଲେ,ଡ଼ଃ ମିଶ୍ର ଆଜି ତାରିଖ ୩୦ ଜୁନ୍ ୨୦୨୬ରେ ତାଙ୍କ କାର୍ଯ୍ୟଭାରରୁ ବିଦାୟ ନେଇଛନ୍ତି,ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା ଙ୍କ ସହିତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଡ଼ଃ ଶେଷାନନ୍ଦ ମିଶ୍ରଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନ, ସୁଦକ୍ଷ ପ୍ରଶାସନ ଓ ମହାବିଦ୍ୟାଳୟର ସର୍ବାଙ୍ଗୀଣ ବିକାଶ ପାଇଁ କରିଥିବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ,ଡ଼ଃ ଶେଷାନନ୍ଦ ମିଶ୍ର ନିଜ ବିଦାୟୀ ଭାଷଣରେ ସହକର୍ମୀ,ଛାତ୍ରଛାତ୍ରୀ ଏବଂ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ ଓ କୋଟପାଡ଼ ଭାରତ ମିଡ଼ିଆ ଆସସେଶୀୟ ସଙ୍ଘକୁ ସାମ୍ବାଦିକତାର ଅବଦାନକୁ ଭୁୟସୀ ପ୍ରଶଂସା କରିଥିଲେ,ଶେଷରେ ତାଙ୍କୁ ବିକାଶ ପଟ୍ଟନାୟକ,ହର ପ୍ରସାଦ ପାତ୍ର ଙ୍କ ସହିତ ମହାବିଦ୍ୟାଳୟର ମାଲବିକା ପଟ୍ଟନାୟକ,ସତ୍ୟ ନାରାୟଣ ମହାନ୍ତି,ଅନୁପ ବିଶୋଇ,ଗୋବିନ୍ଦ ପାତ୍ର,ନିହାରିକା ମହାନ୍ତି ପ୍ରମୁଖ ମାନପତ୍ର ପ୍ରଦାନ କରିଥିଲେ,ଏଥି ସହିତ ମହାବିଦ୍ୟାଳୟ ଅଧ୍ୟାପକ,ଅଧ୍ୟାପିକା ମାନେ ପୁଷ୍ପଗୁଚ୍ଛ,ଉପଢୌକନ ପ୍ରଦାନ କରି ସନ୍ମାନିତ କରିଥିଲେ, ଆଜିର ବିଦାୟ ସମୟରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଏକ ଭାବପ୍ରବଣ ପରିବେଶ ସୃଷ୍ଟି ହୋଇଥିଲା ଓ ସମସ୍ତଙ୍କ ଆଖିରୁ ଅଶ୍ରୁ ବାହାରି ଥିଲେ,ଡ଼ଃ ମିଶ୍ରଙ୍କ ଅବସର ପରେ ସାଂସାରିକ ଜୀବନ ସୁଖମୟ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଥଲେ, ଆଜିର କାର୍ଯ୍ୟକ୍ରମ ହେମନ୍ତ ଦଳେଇ ପରିଚାଳନା କରିଥିଲେ, ବିଶେଷକରି ଡ଼ଃ ମିଶ୍ର କୋଟପାଡ଼ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ମାନଂକୁ ସେମାନଙ୍କ ନିଷ୍ଠାପର କର୍ତବ୍ୟ ପାଇଁ ଭୁୟସୀ ପ୍ରଶଂସା କରିଥିଲେ ଓ ଆଗକୁ ଏହିପରି କର୍ତ୍ତବ୍ୟ କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ।

# ସଂଘର୍ଷରୁ ସଫଳତା: ବଜରଙ୍ଗୀ ଡ୍ରାଇଭିଂ ସ୍କୁଲ ଜରିଆରେ ହଜାର ଯୁବକଙ୍କ ସ୍ୱପ୍ନର ସାରଥୀ ସାଜିଛନ୍ତି ମନୋଜ ଜେନା

**ଜଗତସିଂହପୁର,୩୦।୬ :** ଦୃଢ଼ ସଂକଳ୍ପ, ଅକ୍ଳାନ୍ତ ପରିଶ୍ରମ ଓ ସଫଳ ହେବାର ଇଚ୍ଛାଶକ୍ତି ଥିଲେ ଜଣେ ସାଧାରଣ ଯୁବକ ମଧ୍ୟ ସମାଜ ପାଇଁ ଅସାଧାରଣ ଉଦାହରଣ ସୃଷ୍ଟି କରିପାରନ୍ତି। ଏହି କଥାକୁ ବାସ୍ତବରେ ପ୍ରମାଣ କରିଛନ୍ତି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ମିର୍ଜାପୁର ଗ୍ରାମର ଯୁବ ଉଦ୍ୟୋଗୀ ମନୋଜ ଜେନା। ନିଜ ଜୀବନର ସଂଘର୍ଷକୁ ସଫଳତାର ସିଡ଼ିରେ ପରିଣତ କରି ୨୦୦୮ ମସିହାରେ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ପ୍ରତିଷ୍ଠା କରିଥିବା ବଜରଙ୍ଗୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ଆଜି ୧୮ ବର୍ଷର ସଫଳ ଯାତ୍ରା ପୂରଣ କରି ହଜାର ହଜାର ଯୁବକ-ଯୁବତୀଙ୍କ ସ୍ୱପ୍ନକୁ ସାକାର କରିବାରେ ସାରଥୀ ପାଲଟିଛି। ସାଧାରଣ



ପରିବାରରେ ଜନ୍ମିତ ମନୋଜ ପିଲାଦିନରୁ ମେଧାବୀ ଓ ପରିଶ୍ରମୀ ଥିଲେ। ୨୦୦୪ ମସିହାରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ପିତା ସୁଦାମ ଜେନା କୋଲକାତାର ଏକ ଘରୋଇ କମ୍ପାନୀରେ କାମ କରି ପରିବାର ଚଳାଉଥିବା ବେଳେ ଆର୍ଥିକ ସ୍ଥିତି ଅତ୍ୟନ୍ତ ସାଧାରଣ ଥିଲା। ତଥାପି ଅଭାବ ତାଙ୍କ ସ୍ୱପ୍ନକୁ କେବେ ବାଧା ଦେଇନଥିଲା। ତିର୍ତ୍ତୋଲର ଆଦିକବି ସାରଳା ଦାସ କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିବା ପରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଯାଇଥିଲେ। ସେଠାରେ ଟ୍ୟୁସନ କରି ନିଜ ପାଠପଢ଼ା ଓ ଖର୍ଚ୍ଚ ବହନ କରି ଆତ୍ମନିର୍ଭରଶୀଳତାର ଉଦାହରଣ ସୃଷ୍ଟି କରିଥିଲେ। ଯୁକ୍ତ ତିନି ପଢୁଥିବା ସମୟରେ ତାଙ୍କ ମନରେ ଜନ୍ମ ନେଇଥିଲା ଏକ ନୂଆ ସ୍ୱପ୍ନ। ନିଜେ ଚାକିରି କରିବା ଅପେକ୍ଷା ଅନ୍ୟମାନଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ସେ ନିଷ୍ପତ୍ତି ନେଇଥିଲେ। ସେହି ଲକ୍ଷ୍ୟ ନେଇ ୨୦୦୮ ମସିହାରେ ଭୁବନେଶ୍ୱରରେ ବଜରଙ୍ଗୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୭ରେ ରାହାମା ଏବଂ ୨୦୧୮ରେ ପାରାଦ୍ୱୀପର ବଡ଼ପଡ଼ିଆରେ ଆଉ ଦୁଇଟି ଶାଖା ଖୋଲି ଜଗତସିଂହପୁର ଜିଲ୍ଲାରେ ଡ୍ରାଇଭିଂ ପ୍ରଶିକ୍ଷଣକୁ ଏକ ନୂଆ ପରିଚୟ ଦେଇଛନ୍ତି। ତେବେ ଏହି ସଫଳତାର ରାସ୍ତା ସହଜ ନଥିଲା। ଉଚ୍ଚଶିକ୍ଷା ହାସଲ କରି ଚାକିରି ନ କରି ଡ୍ରାଇଭିଂ ଟ୍ରେନିଂ ସଂସ୍ଥା ଆରମ୍ଭ କରିବା ପରେ ସମାଜର ଅନେକ ଲୋକ ତାଙ୍କୁ କଟାକ୍ଷ କରିଥିଲେ। 'ଏତେ ପାଠ ପଢ଼ି ଶେଷରେ ଡ୍ରାଇଭିଂ ସ୍କୁଲ କରୁଛି', 'ପାଠପଢ଼ା ବେକାର ହୋଇଗଲା' ଭଳି ବିଭିନ୍ନ ଟିପ୍ପଣୀ ଶୁଣିବାକୁ ପଡ଼ିଥିଲା। କିନ୍ତୁ ଏହି ସମାଲୋଚନା ତାଙ୍କ ମନୋବଳକୁ ଦୁର୍ବଳ କରିପାରିନଥିଲା। ବରଂ ସେ ନିଜ ଲକ୍ଷ୍ୟରେ ଅଧିକ ଦୃଢ଼ ହୋଇ ଆଗକୁ ବଢ଼ିଥିଲେ। ସଂଘର୍ଷ ମଧ୍ୟରେ ଆଉ ଏକ ବଡ଼ ପରୀକ୍ଷା ଆସିଥିଲା। ଭୁବନେଶ୍ୱର ଶାଖାରୁ ରାହାମା ଫେରୁଥିବା ବେଳେ କଟକ–ପାରାଦ୍ୱୀପ ମୁଖ୍ୟ ରାସ୍ତାରେ ଏକ ଟ୍ରକ ବିପରୀତ ଦିଗରୁ ଆସି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଏହି ଭୟଙ୍କର ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ପ୍ରାୟ ଦେଢ଼ ମାସ ଶଯ୍ୟାଶାୟୀ ରହିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati